ପଶ୍ଚିମର ଲୋକ କଥା



ଉମେଶ ପତ୍ରି

Digitized by srujanika@gmail.com

ମରିଶସ୍‌ର ଲୋକକଥା

ଲେଖକ :

ରମେଶ ପଣ୍ଡା

ପ୍ରକାଶକ :

ଡାଇମଣ୍ଡ୍‌ ପବ୍ଲିଶର୍ସ

ଉପର ତେଲେଙ୍ଗା ବଜାର, କଟକ-୯

Digitized by srujanika@gmail.com

ମରଶସ୍‌ର ଲୋକକଥା

ଲେଖକ :
ରମେଶ ପଣ୍ଡା

ପ୍ରକାଶକ :
ଡାଇମଣ୍ଡ୍ ପବ୍ଲିଶର୍ସ
ଉପର ତେଲେଙ୍ଗା ବଜାର, କଟକ - ୯

ମୁଦ୍ରଣ କାଳ : ଜନ୍ମାଷ୍ଟମୀ, ୧୯୮୮

ମୁଦ୍ରଣ
ଆନନ୍ଦ ପ୍ରିଣ୍ଟିଂ ୱାର୍କସ୍
ତେଲେଙ୍ଗା ବଜାର, କଟକ—୯

ମୂଲ୍ୟ—ସାତଟଙ୍କା ମାତ୍ର

Digitized by srujanika@gmail.com

ଉତ୍କଳ ବିଶ୍ୱବିଦ୍ୟାଳୟର

ପୂର୍ବତନ—ଡେପୁଟିରେଜିଷ୍ଟ୍ରାର୍

୵ ଦଇତାରୀ ପଣ୍ଡାଙ୍କ

ସ୍ମୃତିରେ

ଏ କ୍ଷୁଦ୍ର ପୁସ୍ତକଟି ଉତ୍ସର୍ଗକଲି

*

ରମେଶ ପ୍ରଧାନ

Digitized by srujanika@gmail.com

ମରିଶସ ସମ୍ବନ୍ଧରେ

ଭାରତ ମହାସାଗର ମଧ୍ୟରେ ରହିଛି ମରିଶସ ଦ୍ୱୀପ । ଏହାର ନଦୀ, ଝରଣା, ପାହାଡ଼, ପର୍ବତ, ସମସ୍ତଙ୍କ ଭିତରେ ଲୁଚି ରହିଛି କାହାଣୀ କିମ୍ବଦନ୍ତୀ ଅପରିମିତ ଭଣ୍ଡାର । ଇନ୍ଦ୍ର ଧନୁର ଦେଶ ମରିଶସ ଆଜିବି ସମସ୍ତଙ୍କର ପ୍ରିୟହୋଇ ରହିଛି ।

୧୬୩୮ ଖ୍ରୀଷ୍ଟାବ୍ଦରେ ସର୍ବ ପ୍ରଥମ ଡଚ୍‌ମାନେ ଏ ଦ୍ୱୀପରେ ପାଦ ପକାଇଲେ । ସେମାନେ ନାସାଉର ରାଜକୁମାର 'ମାରିସ୍'ଙ୍କ ନାମାନୁଯାଇ ଏହାର ନାମ ମରିଶସ ରଖିଲେ ।

ସେତେବେଳେ ଏ ଦ୍ୱୀପରେ ଡୋଡୋ ନାମକ ଏକ ବିଚିତ୍ର ପକ୍ଷୀ ବହୁ ସଂଖ୍ୟାରେ ରହୁଥିଲେ । ଡଚ୍ ମାନେ ଏ ସମସ୍ତଙ୍କୁ ଶିକାର କରିବାରେ ଲାଗିଲେ । ୧୬୮୧ ଖ୍ରୀଷ୍ଟାବ୍ଦ ବେଳକୁ ଡୋଡୋ ପକ୍ଷୀଙ୍କ ବଂଶ ନିପାତ ହୋଇଗଲା । ତା ସାଙ୍ଗକୁ ଡଚ୍ ମାନେ ମଧ୍ୟ ଏ ଦ୍ୱୀପରେ ରହି ପାରିଲେ ନାହିଁ । ୧୭୧୫ ଖ୍ରୀଷ୍ଟାବ୍ଦ ବେଳକୁ ଫରାସୀ ମାନେ ଏ ଦ୍ୱୀପକୁ ଅଧିକାର କରି ଦ୍ୱୀପଟିର ନାଁ ଆଇଲ ଦେ ଫ୍ରାନ୍ସ' ରଖିଲେ । ଏ ଦ୍ୱୀପର ମାଟି ପାଣି ପବନ ବଣ ପାହାଡ଼ ଆଦି ସେମାନଙ୍କୁ ଅତି ଭଲ ଲାଗିଲା । ସେମାନେ ସଂଖ୍ୟାରେ ଭାରତୀୟ ଶ୍ରମିକ ମାନଙ୍କୁ ଏଠାକୁ ନେଇ ଆସିଲେ । ଭାରତୀୟ ଶ୍ରମିକ ମାନେ ମାଟି ତାଡ଼ିଲେ, ରାସ୍ତା ତିଆରିଲେ, ଚାଷକରି ଏ ମାଟିକୁ ହସାଇ ଦେଲେ । ତା ପରେ ଇଂରେଜ ମାନଙ୍କ ଅଧୀନରେ ଏ ଦ୍ୱୀପଟି ରହିଲା । ଇଂରେଜ ମାନଙ୍କ ସମୟରେ ଏଠି ସହର ନଗର ଆଦି ଗଢି ଉଠିଲା । ବହୁଦିନ ଧରି ଇଂରେଜ ମାନଙ୍କ ଶାସନପରେ ୧୯୬୮, ମାର୍ଚ୍ଚ ୧୨ ତାରିଖ ଦିନ ମରିଶସ ସ୍ୱାଧୀନତା ଲାଭକଲା ।

ମରିଶସ ଦେଶ ଆମର ପରମ ବନ୍ଧୁ । ଏ ଦେଶରେ ସାହିତ୍ୟ ସଂସ୍କୃତି ଓ ଇତିହାସକୁ ଆମ ଦେଶର ଧର୍ମ ଓ ସଂସ୍କୃତି ପ୍ରଭାବିତ କରିଛି । ମରିଶସକୁ ଭାରତର ଛାୟା କହିଲେ ଭୁଲ ହେବ ନାହିଁ । ତେଣୁ କେହିକେହି ଏହାକୁ 'ଲଘୁ ଭାରତ' ବୋଲି ମଧ୍ୟ କହିଥାନ୍ତି ।

ନିଜର ଛାୟାକୁ ନିଜେ ଚିହ୍ନିବା ଉଚିତ । ବୃହତ୍ ଭାରତର ସନ୍ତାନ ହୋଇ ଲଘୁଭାରତର କାହାଣୀ କିମ୍ବଦନ୍ତୀ ଆଦି ଜାଣିବା ନିତାନ୍ତ ଆବଶ୍ୟକ । ଏହି ଲକ୍ଷକୁ ଆଖି ଆଗରେ ରଖି ସରଳ ତଥା ବୋଧଗମ୍ୟ ଭାଷାରେ 'ମରିଶସର ଲୋକକଥା' ପ୍ରସ୍ତୁତ କଲି । ଆଶା ପାଠକ ମାନଙ୍କୁ ପୁସ୍ତିକାଟି ମରିଶସର କଥା ଓ କିମ୍ବଦନ୍ତୀ ଉପରେ କିଛିକିଛି ତଥ୍ୟ ଯୋଗାଇ ପାରିବ ।

—ରମେଶ ପତ୍ରୀ

ଶାମ୍ବଦଶମୀ, ୧୯୮୭

Digitized by srujanika@gmail.com

ସୂଚୀ ପତ୍ର

କ୍ରମିକ ନମ୍ବର	ବିଷୟ	ପୃଷ୍ଠା
୧	ମରଣପୁର ଜନ୍ମକଥା	୧
୨	ଡୋଡୋ ପକ୍ଷୀର ବିନାଶ	୪
୩	ମୃଗକୁଣ୍ଡ	୮
୪	ପରପୁଷ୍କରଣୀ	୧୨
୫	ମୂଷସ୍ଥା ପାହାଡ଼	୧୫
୬	ଅଙ୍ଗୁଠା ପାହାଡ଼	୧୮
୭	ସ୍ୱପ୍ନ ସତହେଲା	୨୩
୮	ଠେକୁଆର ମୃତ୍ୟୁ	୨୯
୯	ଫୁଲଟି ପାଇଁ	୩୩
୧୦	ପକ୍ଷୀରାଜ ଘୋଡ଼ାରେ ଚଢ଼ି	୪୧

Digitized by srujanika@gmail.com

ମରିଶସର ଜନ୍ମକଥା

ତ୍ରେତୟା ଯୁଗର କଥା । ସେତେବେଳେ ରାମଚନ୍ଦ୍ର ପଞ୍ଚବଟୀ ବଣରେ ବନବାସ କରୁଥାନ୍ତି । ତାଙ୍କ ସାଙ୍ଗରେ ସ୍ତ୍ରୀ ସୀତା ଓ ସାନ ଭାଇ ଲକ୍ଷ୍ମଣ ମଧ୍ୟ ଥାନ୍ତି । ବଣ ଭିତରେ ସେମାନଙ୍କ ଦିନ ଗୁଡ଼ିକ ଖୁବ୍ ଦୁଃଖରେ କଟୁଥାଏ । ଏହି ବନବାସ ବେଳେ ସେମାନେ ଶୂର୍ପଣଖା ନାମକ ରାକ୍ଷସୀକୁ ଭେଟିଲେ । ଶୂର୍ପଣଖା ସୀତାଙ୍କୁ ବହୁତ କଟୁ କଥା କହିଲା । ତାଙ୍କୁ ଅପମାନିତ କଲା । ଶୂର୍ପଣଖାର ବ୍ୟବହାର ରାମ ଓ ଲକ୍ଷ୍ମଣଙ୍କୁ ଭଲ ଲାଗିଲା ନାହିଁ; ତେଣୁ ରାମଚନ୍ଦ୍ରଙ୍କ ଆଦେଶରେ ଲକ୍ଷ୍ମଣ ଶୂର୍ପଣଖାର ନାକକାନ କାଟି ପକାଇଲେ । ଶୂର୍ପଣଖାର ନାକ କାନରୁ ଝରଝର ହୋଇ ରକ୍ତ ବୋହିଲା । ସେହିପରି ଅବସ୍ଥାରେ ସେ ଯାଇ ଲଙ୍କାର ରାଜା ରାବଣ ପାଖରେ ପହଞ୍ଚିଲା । ରାବଣଙ୍କୁ ସେ ନିଜର ଦୁଃଖ ଜଣାଇଲା ।

ଶୂର୍ପଣଖାର କଥା ଶୁଣି ରାବଣ ରାଗିଗଲା । ସେ ସୀତାଙ୍କୁ କିପରି ରାମ ଲକ୍ଷ୍ମଣଙ୍କ ପାଖରୁ ନେଇ ଆସିବ ସେଇ କଥା ଚିନ୍ତା କଲା । ଦନକର ସେ ମାରିଚ ନାମକ ଅସୁରକୁ ସୁନାର ମୃଗ ହୋଇ ପଞ୍ଚବଟୀ ବଣକୁ ଯିବା ପାଇଁ କହିଲା । ମାରିଚ ତାର ଅସୁର ବେଶକୁ ବଦଳାଇ ଦେଲା । ନିଜକୁ ସେ ସୁନାର ହରିଣ ରୂପରେ ସଜାଇଲା । ସେ ପଞ୍ଚବଟୀ ବଣକୁ ଆସି ସୀତା ରହୁଥିବା କୁଡ଼ିଆ ବାଟ ଦେଇ ଯେତେବେଳେ ଦୌଡ଼ିଗଲା ସୀତା ପାଟି କରି ରାମଚନ୍ଦ୍ରଙ୍କୁ କହିଲେ—"ଦେଖ ଦେଖ, ସୁନାର ହରିଣଟିଏ କେମିତି ଡେଇଁ ଡେଇଁ ଯାଉଛି । ତାକୁ ନେଇ ଆସ ।"

ରାମଚନ୍ଦ୍ର ସୀତାଙ୍କ କଥାରେ ନାହିଁ ବୋଲି କହିପାରିଲେ ନାହିଁ । ସେ ଧନୁଶର ଧରି ସୁନା ହରିଣର ପଛେ ପଛେ ଡଉଡ଼ଇଲେ । ସୁବିଧା ଦେଖି ସେ ତାଙ୍କ ଶରଟିକୁ ମାରି ଦେଲେ । ଶରଟି ସୁନାର ହରିଣ ଦେହରେ ଯେତେବେଳେ ବାଜିଲା, ସେ ଗଛ ପଡ଼ିଲା ଭଳି ଚିତ୍ପଟ ହୋଇ ପଡ଼ିଲା । ତାର ହରିଣ ରୂପଟି ଆଉ ରହିଲା ନାହିଁ । ରାମଚନ୍ଦ୍ର ଦେଖିଲେ—ଏତ ହରିଣ ନୁହେଁ, ମହାବଳ ଅସୁରଟିଏ !

ସେତେବେଳେ ମାରିଚ ଅସୁର ରାମଚନ୍ଦ୍ରଙ୍କୁ କହିଲା—"ପ୍ରଭୁ, ମୁଁ ଆପଣଙ୍କ ହାତରେ ମରିବାକୁ ଯାଉଛି । ତେବେ ମରିବା ପୂର୍ବରୁ ମୁଁ ଆପଣଙ୍କୁ ଏଠାରେ ବର

Digitized by srujanika@gmail.com

ମାଗୁଛି ଯେ, ମୋର ଆତ୍ମା ସବୁବେଳେ ରାମ ନାମ ଶୁଣିବାକୁ ପାଉ । ଏହା ହିଁ ମୋର ଶେଷ ମିନତି ।"

ଏତକ କହି ମାରିଚ ଅସୁର ସବୁଦିନ ପାଇଁ ଆଖି ବୁଜି ଦେଲା । ରାମଚନ୍ଦ୍ର ମାରିଚର ମଲା ଦେହରେ ହାତ ଆଉଁସିଲେ । ତାଙ୍କ ହାତ ଅସୁର ଦେହରେ ବାଜୁଛି କି ନାହିଁ ଦେହଟି ତାର ଝଲସି ଉଠିଲା । ସେ ଏକ ମସ୍ତବଡ଼ ମୋତି ହୋଇଗଲା ।

ରାମଚନ୍ଦ୍ର ମୋତିଟିକୁ ହାତରେ ଉଠାଇଲେ । ଏଣେତେଣେ ଆଖି ବୁଲାଇ ସେ ତାକୁ ଆକାଶକୁ ଫିଙ୍ଗି ଦେଲେ । ମୋତିଟି ଆକାଶରେ ଗୋଟିଏ ଉଜ୍ଜ୍ୱଳ ତାରା ଭଳି ଝଲସି ଗଲା । ତାପରେ ସେ ଯାଇ ହିନ୍ଦୁ ମହାସାଗରରେ ପଡ଼ିଲା । ମୋତିଟି ପାଣି ଭିତରେ ଯେମିତି ପଡ଼ିଛି ସେ ଧୀରେ ଧୀରେ ଗୋଟିଏ ମସ୍ତବଡ଼ ଚଟ୍ଟାଣ ହୋଇଗଲା । ସେହି ଚଟ୍ଟାଣ ଉପରେ ନାନା ପ୍ରକାରର ଗଛ ଲତା ଉଠିଲା । ଦେଖୁ ଦେଖୁ ଚଟ୍ଟାଣଟା ବଣ ପାହାଡ଼ରେ ଭରା ଗୋଟିଏ ଦ୍ୱୀପ ହୋଇଗଲା । ତା ଉପରେ କେତେ ପ୍ରକାରର ଜୀବଜନ୍ତୁ ପଶୁ ପକ୍ଷୀ ଜନ୍ମ ହେଲେ, ବୁଲିଲେ, ନାନା ପ୍ରକାରର ଶବ୍ଦ କଲେ ।

ତେବେ ଏଥିରେ ମାରିଚ ଅସୁରର ଆତ୍ମା ଶାନ୍ତି ପାଇ ପାରିଲା ନାହିଁ । ସେ ତ ଚାହିଁଥିଲା କିପରି ଏ ଦ୍ୱୀପରେ ସବୁବେଳେ ରାମ ନାମ ଶବ୍ଦ ଶୁଣିବାକୁ ପାଇବ ।

ବହୁ ବର୍ଷ ପରେ ଦିନେ ଗୋଟିଏ ବିଦେଶୀ ଜାହାଜ ଏ ଦ୍ୱୀପରେ ଆସି ଲାଗିଲା । ନାବିକମାନେ ଜାହାଜରୁ ଓହ୍ଲାଇ ଦ୍ୱୀପରେ ଥିବା ବଣ ପାହାଡ଼କୁ ଯାଇ ବୁଲିଲେ । ସେମାନେ ଏଇଠି ପ୍ରାୟ ସାତ ଦିନ ରହି ପୁଣି ଚାଲିଗଲେ । ମାରିଚ ଅସୁରର ଆତ୍ମା ଭାବୁଥିଲା ଯେ, ସେ ନିଶ୍ଚୟ ଏ ଲୋକମାନଙ୍କ ମୁହଁରୁ ରାମ ନାମ ଶବ୍ଦ ଶୁଣିବାକୁ ପାଇବ । ତାକୁ କିନ୍ତୁ ନିରାଶ ହେବାକୁ ପଡ଼ିଲା ।

ଏହାର ପ୍ରାୟ ଶହେ ବର୍ଷ ପରେ କିଛି ଲୋକ ପୁଣି ସେଠିକି ଆସିଲେ । ସେମାନେ ସେଠି ଛୋଟ ଛୋଟ କୁଡ଼ିଆ ଘରମାନ ତିଆରି କରି ରହିଲେ । ବଣରୁ ଫଳ ମୂଳ ଖାଇ, ପଶୁ ଶିକାର କରି ବଞ୍ଚିବା ଛଡ଼ା ସେମାନେ ଆଉ କିଛି ଜାଣି ନ ଥିଲେ । ଭଗବାନ ରାମଚନ୍ଦ୍ର କିଏ ? ଏ କଥା ତ ସେମାନଙ୍କୁ ମୋଟେ ଜଣା ନ ଥିଲା ।

ଏଥର ମାରିଚ ବଡ଼ ଚିନ୍ତାରେ ପଡ଼ିଗଲା । ସେ ମନେ ମନେ ଭାବିଲା, ଭଗବାନ ରାମଚନ୍ଦ୍ର ତ କହିଥିଲେ ଯେ, ତା ଆତ୍ମା ସବୁବେଳେ ରାମ ନାମ ଶୁଣିବାକୁ

Digitized by srujanika@gmail.com

ପାଇବ । ହେଲେ କାହିଁ, କେହିତ ତାଙ୍କୁ ରାମ ନାମ ଶୁଣାଉ ନାହାନ୍ତି । ରାମଚନ୍ଦ୍ରଙ୍କ ବର ଦାନ କ'ଣ ମିଛ ହୋଇଯିବ ?

ତେବେ ମାରଚର ଇଚ୍ଛା ଦିନେ ପୂରଣ ହେଲା । ଦିନକର ସେ ଦେଖିଲା ଅନେକ ଗୁଡ଼ିଏ ଜାହାଜ ଆସି ତା କୂଳରେ ନଙ୍ଗର ପକାଇଲେ । ଜାହାଜରୁ ଶହ ଶହ ଲୋକ ଓହ୍ଲାଇ ଆସି ଏ ଦ୍ୱୀପରେ ରହିଲେ । ସେମାନେ ଏଠି ଘର ଦ୍ୱାର ଗାଁ ଗଣ୍ଡା ରାସ୍ତା ଘାଟ ଆଦି ତିଆରି କରିବା ପାଇଁ ସ୍ଥିର କଲେ । କିନ୍ତୁ ଏ ସବୁ କରିବା ପାଇଁତ ବହୁ ସଂଖ୍ୟାରେ ଶ୍ରମିକ ଆବଶ୍ୟକ । ତେଣୁ ସେମାନେ ଭାରତରୁ ବହୁ ଶ୍ରମିକଙ୍କୁ ଜାହାଜରେ ବସାଇ ଏ ଦ୍ୱୀପକୁ ନେଇ ଆସିଲେ । ଏହି ଭାରତୀୟ ଶ୍ରମିକ ମାନେ ଥିଲେ ଭଗବାନ ରାମଚନ୍ଦ୍ରଙ୍କର ପରମ ଭକ୍ତ । ସେମାନେ ରାମାୟଣ ଗ୍ରନ୍ଥମାନ ସାଙ୍ଗରେ ନେଇ ଆସିଥିଲେ । ଦିନତମାମ୍ ସେମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ପରିଶ୍ରମ କଲେ; ମାଟି ହାଣିଲେ, ରାସ୍ତାଘାଟ ତିଆରିଲେ ଏବଂ ରାତି ହେଲେ ଗ୍ରେଟିଆ ଗ୍ରେଟିଆ ହୋଇ ଭିତରେ ବସି ଖୋଲ କରତାଳ ଧରି ରାମାୟଣ ଚର୍ଚ୍ଚା କଲେ । ଧୀରେ ଧୀରେ ଦ୍ୱୀପଟାସାରା ରାମଚନ୍ଦ୍ରଙ୍କ ନାମ ପ୍ରଚାରିତ ହୋଇଗଲା ।

ବହୁ ବର୍ଷ ପରେ ମାରଚର ଅନ୍ତିମ ଇଚ୍ଛା ପୂରଣ ହେଲା । ତାକୁ ବହୁ-ବେଳେ ଏଥର ରାମଙ୍କ ନାମ ଶୁଣିବାକୁ ମିଳିଲା ।

ମାରଚ ଅସୁରର ନାମ ଅନୁଯାୟୀ ଲୋକେ ଏ ଦ୍ୱୀପକୁ 'ମାରଚ ଦ୍ୱୀପ' ବୋଲି କହିଲେ । ମାରଚ ଦ୍ୱୀପ କ୍ରମେ ମରିଶସ୍ ନାମରେ ଖ୍ୟାତ ହେଲା ।

Digitized by srujanika@gmail.com

ଡୋଡୋ ପକ୍ଷୀର ବିନାଶ

ବହୁ ବର୍ଷ ତଳର କଥା । ମରିଶସ ଦ୍ୱୀପ ସେତେବେଳେ ବଣ ପାହାଡ଼ରେ ପୂର୍ଣ୍ଣ ରହୁଥାଏ । କେତେ ପ୍ରକାରର ପଶୁ ପକ୍ଷୀ ସେଠାରେ ରହୁଥାନ୍ତି । ଆନନ୍ଦରେ ସେମାନଙ୍କ ଦିନ ଗୁଡ଼ିକ କଟି ଯାଉଥାଏ । ସେ ସମସ୍ତଙ୍କ ଭିତରେ ଡୋଡୋ ନାମକ ଏକ ପ୍ରକାରର ପକ୍ଷୀ ଦେଖିବାକୁ ଭାରି ସୁନ୍ଦର ଥିଲା । ଏ ପକ୍ଷୀର ଶରୀର ବହୁତ ବଡ଼ । ଥଣ୍ଟ ଚେପ୍‌ଟା ଓ ଟିକିଏ ବଙ୍କାଳିଆ । ପାଦ ଓ ଡେଣା ଗୁଡ଼ିକ ଅତି ଛୋଟ ଛୋଟ । ତେଣୁ ସେ ଆକାଶରେ ଉଡ଼ିପାରୁ ନ ଥିଲା କି ଜୋରରେ ଚାଲିପାରୁ ନ ଥିଲା । କିନ୍ତୁ ଆମ ଦେଶର ହଂସ ଭଳି ସେ ଚାଲୁଥିଲା । ତାକୁ ସମସ୍ତେ ଥଟ୍ଟାରେ ଡୋଡୋ ବୋଲି ଡାକୁଥିଲେ । ଡୋଡୋ ଶବ୍ଦର ଅର୍ଥ ସୁନାର ପକ୍ଷୀ ।

ଏ ସମସ୍ତ ଜୀବଜନ୍ତୁମାନଙ୍କ ବିପଦ ଆପଦରେ ଏକ ବନଦେବୀ ସାହା ହେଉଥିଲେ । ତା'ଛଡ଼ା ସିଂହଟିଏ ସେ ବଣରେ ରହୁଥିଲା । ସିଂହଟି ଶାକାହାରୀ ଥିଲା । ସେ ମାଛ ମାଂସ ଖାଉ ନ ଥିଲା । ସେହି ଦ୍ୱୀପର ରାଜା ରୂପେ ସେ ପଶୁ ପକ୍ଷୀ ଜୀବଜନ୍ତୁଙ୍କ ସୁବିଧା ଅସୁବିଧା ବୁଝୁଥିଲା ।

ଦିନକର ନୌକାଟିଏ ଆସି ମରିଶସ ଦ୍ୱୀପରେ ଲାଗିଲା । ନୌକାରେ ଶିକାରୀମାନେ ଆସିଥିଲେ । ସେମାନେ ହାତରେ ବନ୍ଧୁକ ନେଇ ଜଙ୍ଗଲ ଭିତରେ ପ୍ରବେଶ କଲେ । ମରିଶସର ବଣ ପାହାଡ଼ରେ ଆତଙ୍କ ଖେଳିଗଲା । ପଶୁ ପକ୍ଷୀ ଜୀବଜନ୍ତୁ ଯିଏ ଯୁଆଡ଼େ ପାରିଲେ ଜୀବନ ବଞ୍ଚାଇବାକୁ ପଳାଇଲେ । କିନ୍ତୁ ବିଚରା ଡୋଡୋ ପକ୍ଷୀମାନେ ତ ଉଡ଼ିପାରୁ ନ ଥିଲେ କି ଜୋରରେ ଦଉଡ଼ି ପାରୁ ନ ଥିଲେ । ତେଣୁ ଶିକାରୀମାନେ ବହୁ ସଂଖ୍ୟାରେ ଡୋଡୋ ପକ୍ଷୀ ଶିକାର କରି ସେମାନଙ୍କୁ ନୌକାରେ ବୋଝାଇ କଲେ ଓ ମରିଶସ ଦ୍ୱୀପରୁ ଫେରି ଗଲେ ।

ସେମାନେ ଫେରିଗଲା ପରେ ଆଉ ଯେତେ ବଳକା ଡୋଡୋ ପକ୍ଷୀ ଥିଲେ ସେମାନେ ନିଜ ନିଜ ଭାଇ ବନ୍ଧୁମାନଙ୍କୁ ଖୋଜିଲେ । କେହି କାହାକୁ ପାଇଲେ ନାହିଁ । ପଶୁ ପକ୍ଷୀ ଜୀବଜନ୍ତୁ ସମସ୍ତଙ୍କ ମନ ଦୁଃଖରେ ପୂରିଗଲା । ସମସ୍ତେ ବିକଳ ହୋଇ ବନଦେବୀଙ୍କୁ ପ୍ରାର୍ଥନା କଲେ । ସେମାନଙ୍କ ପ୍ରାର୍ଥନା ବନଦେବୀ ଶୁଣିଲେ ।

Digitized by srujanika@gmail.com

ସେ ପଶୁ ପକ୍ଷୀ ସମସ୍ତଙ୍କୁ ଏକାଠି କରି ଗୋଟିଏ ସଭା କଲେ । ସଭାରେ ଉପସ୍ଥିତ ହୋଇଥିବା ବଳକା ତୋତୋ ପକ୍ଷୀମାନେ କାନ୍ଦ କାନ୍ଦ ହୋଇ ନିଜ ଦୁଃଖ ଜଣା-ଇଲେ । ସେମାନେ କହିଲେ—"ଦେବୀ, ଶିକାରୀମାନଙ୍କ ଭୟରେ ଆମେ ଆଉ ରହି-ପାରିବୁ ନାହିଁ । ଆପଣ ଯଦି ଆମକୁ ରକ୍ଷା ନ କରିବେ ତେବେ ଆମେ ବଞ୍ଚିବୁ କିପରି ?"

ବନଦେବୀ କହିଲେ—"ଚିନ୍ତା କରନାହିଁ । ତୁମେସବୁ କିପରି ରକ୍ଷା ପାଇବ ମୁଁ ତାର ବ୍ୟବସ୍ଥା କରିବି ।"

ଏହାପରେ ବନ ଦେବୀ ଦେଖିଲେ, ସିଂହ ଯେଉଁ ଆସନରେ ବସିବା କଥା ସେ ସ୍ଥାନଟି ଖାଲି ପଡ଼ିଛି । ସେ ସଙ୍ଗେ ସଙ୍ଗେ ଦୂତ ପଠାଇ ସିଂହକୁ ଡକାଇଲେ । କିଛି ସମୟ ପରେ ସିଂହ ଆସି ସଭାରେ ତା ସ୍ଥାନ ଗ୍ରହଣ କଲା । ବିଳମ୍ବରେ ଆସି ପହଞ୍ଚି ଥିବାରୁ ବନଦେବୀଙ୍କ ପାଖରେ ସେ କ୍ଷମା ମାଗିନେଲା ।

ବନଦେବୀ ସିଂହକୁ କହିଲେ—"ଦେଖ ବନରାଜ, ତୁମ ଉପସ୍ଥିତି ଭିତରେ ବଣରେ ରହିଥିବା କୌଣସି ପଶୁ ପକ୍ଷୀ ଯେପରି କଷ୍ଟ ନ ପାଆନ୍ତି । ଆଜି ତୋତୋ ପକ୍ଷୀ ଉପରେ ଯେଉଁ ବିପତ୍ତି ଆସିଛି, ଯଦି ଏଭଳି ବିପତ୍ତି ଲାଗି ରହିବ ତେବେ କେବଳ ତୋତୋ ପକ୍ଷୀ କାହିଁକି ଏ ବଣରେ ଥିବା ସବୁ ପଶୁ ପକ୍ଷୀଙ୍କ ବିନାଶ ହୋଇ-ଯିବ । ତେଣୁ ତୋତୋ ପକ୍ଷୀକୁ ରକ୍ଷା କରିବାର ଦାୟିତ୍ୱ ତୁମକୁ ଦିଆଗଲା ।"

ସିଂହ କହିଲା—"ବନଦେବୀ ! ମୁଁ ଆପଣଙ୍କୁ କଥା ଦେଉଛି କି ତୋତୋ ପକ୍ଷୀ ଉପରକୁ ଆସୁଥିବା କୌଣସି ବିପତ୍ତିକୁ ଆଉ ସହ୍ୟ କରିଯିବି ନାହିଁ । ତୋତୋ ପକ୍ଷୀମାନଙ୍କ ରକ୍ଷାର ଦାୟିତ୍ୱ ମୁଁ ମୋ ହାତକୁ ନେଲି ।"

ବନଦେବୀ କହିଲେ—"ଦେଖ ବନରାଜ, ତୁମକୁ ପୁଣି ଥରେ ସାବଧାନ କରି ଦେଉଛି କି, ଯେଉଁ ଦିନ ତୁମେ ତୋତୋ ପକ୍ଷୀମାନଙ୍କୁ ରକ୍ଷା କରିବାରେ ଅସଫଳ ହେବ ସେ ଦିନ ତୁମକୁ ଅତି କଠୋର ଦଣ୍ଡ ଦିଆଯିବ । ଏ କଥା ମନେ ରଖିଥାଅ ।"

ସିଂହକୁ ସମସ୍ତ ଦାୟିତ୍ୱ ଦେଇ ବନଦେବୀ ସଭା ଭଙ୍ଗ କଲେ । ପଶୁ ପକ୍ଷୀ-ମାନେ ଆନନ୍ଦରେ ବନଦେବୀ ଏବଂ ବନରାଜ ସିଂହଙ୍କର ଜୟ ଗାନ କରି ନିଜ ନିଜ ଘରକୁ ଫେରି ଗଲେ ।

Digitized by srujanika@gmail.com

ସେହି ଦିନଠାରୁ ତୋତେ ପକ୍ଷୀମାନଙ୍କ ମନରେ ଆଉ ଭୟ ରହିଲା ନାହିଁ । ସେମାନେ ମନ ଆନନ୍ଦରେ ବୁଲିଲେ । ବନରାଜ ସିଂହ ସେମାନଙ୍କ ଆପଦ ବିପଦରେ ସାହା ହେଉଥାଏ ।

ଏଭଳି ଭାବେ କିଛି ବର୍ଷ ବିତିଗଲା । କ୍ରମେ ବିଚରା ସିଂହ ବୁଢ଼ା ହୋଇଗଲା । ତା ଦେହରୁ ବଳ ତୁଟି ଗଲା । ଆଖିରୁ ଦୃଷ୍ଟି ଶକ୍ତି କମିଗଲା । ଦାନ୍ତ ଗୁଡ଼ିକ ଝଡ଼ି ଗଲା । ଏଥର ସେ ତୋତେ ପକ୍ଷୀମାନଙ୍କୁ କିପରି ରକ୍ଷା କରିବ, ଚିନ୍ତାରେ ପଡ଼ିଗଲା । ସେ ପ୍ରତିଦିନ ମରିଶସ ଦ୍ୱୀପରେ ଥିବା ଏକ ଉଚ୍ଚ ପାହାଡ଼ର ଶିଖର ଦେଶରେ ବସି ଯେଉଁ ବାଟ ଦେଇ ଶିକାରୀମାନେ ନୌକା ନେଇ ଆସନ୍ତି, ସେହି ଆଡ଼କୁ ଅନାଇ ରହିଥାଏ । ମନେ ମନେ ସେ ଭଗବାନଙ୍କୁ ଗୁହାରି କରୁଥାଏ—"ହେ ଭଗବାନ, ମୋ ବଞ୍ଚିଥିବା ଅବସ୍ଥାରେ ଯେପରି କୌଣସି ଶିକାରୀ ଏ ଦ୍ୱୀପକୁ ନ ଆସନ୍ତି ।"

କ୍ରମେ ସିଂହ ଏତେ ଦୁର୍ବଳ ହୋଇପଡ଼ିଲା ଯେ; ସେ ଆଉ ତୋତୋ ପକ୍ଷୀ ପାଇଁ ଚିନ୍ତା ବି କଲାନାହିଁ । ମରିବାର ଶେଷ ସମୟକୁ ସେ ଅପେକ୍ଷା କରି ରହିଲା । ମାଙ୍କଡ଼ଟିଏ ତାର ସେବା କରୁଥାଏ । ମାଙ୍କଡ଼ଟି ଖାଇବା ଦରବ ଆଣି ତା ପାଖରେ ପହଞ୍ଚାଇ ଦେଉଥାଏ ।

ଏହାର କିଛି ଦିନ ପରେ ପୁଣି ଗୋଟିଏ ଶିକାରୀ ଦଳ ନୌକାରେ ଆସି ମରିଶସ ଦ୍ୱୀପରେ ପହଞ୍ଚିଲେ । ସେମାନେ ଆସିବାରୁ ଦ୍ୱୀପସାରା ପୁଣି ଆତଙ୍କ ଖେଳିଗଲା । ପଶୁପକ୍ଷୀମାନେ ଯିଏ ଯେଉଁଠିକି ପାରିଲେ ପଳାଇ ଗଲେ । କିନ୍ତୁ ତୋତୋ ପକ୍ଷୀଗୁଡ଼ିକ ପଳାଇ ପାରିଲେ ନାହିଁ । ଶିକାରୀମାନେ ସେ ସମସ୍ତଙ୍କୁ ଶିକାର କରି ନୌକାରେ ବୋଝାଇ କଲେ ଓ ଦ୍ୱୀପରୁ ବିଦାୟ ନେଲେ ।

ଶିକାରୀମାନେ ପଳାଇ ଗଲାପରେ ଦ୍ୱୀପରେ ଥିବା ଅନ୍ୟାନ୍ୟ ପଶୁପକ୍ଷୀମାନେ ତୋତୋ ପକ୍ଷୀମାନଙ୍କୁ ଖୋଜିଲେ । କିନ୍ତୁ ଗୋଟିଏ ହେଲେ ତୋତୋ ପକ୍ଷୀକୁ ସେମାନେ ପାଇଲେ ନାହିଁ । ସେମାନଙ୍କ ମନ ଦୁଃଖରେ ପୂରିଗଲା । ସେ ସମସ୍ତେ ପୁଣି ବନଦେବୀଙ୍କୁ ଗୁହାରି କଲେ । ବନଦେବୀ ସେମାନଙ୍କ ପାଖରେ ପହଞ୍ଚି ପୁଣି ସଭାକଲେ । ସଭାରେ ସମସ୍ତେ ଉପସ୍ଥିତ ଥିଲେ କିନ୍ତୁ ସିଂହ ଆସି ନ ଥିଲା । ତେଣୁ ଦୂତ ପଠାଇ ସେ ସିଂହକୁ ଡକାଇ ପଠାଇଲେ ।

ଦୂତ ଯେତେବେଳେ ସିଂହ ପାଖରେ ପହଞ୍ଚିଲା ସିଂହ ସେତେବେଳେ ଆଉ ଉଠିପାରୁ ନ ଥିଲା । ସେ ଶୋଇ ରହିଥିଲା । ଶିକାରୀମାନେ ଦ୍ୱୀପକୁ ଆସି ତୋତୋ ପକ୍ଷୀଙ୍କ ବଂଶ ଲୋପ କରିଦେବା କଥା ବି ତାକୁ ଜଣା ନ ଥିଲା । ସେ ଦୂତକୁ କହିଲା—

Digitized by srujanika@gmail.com

"ମୁଁ ତ ଉଠିପାରୁ ନାହିଁ । ତୁମେ ଯାଅ ବନଦେବୀଙ୍କୁ କହିବ ଯେ, ମୁଁ ସଭାକୁ ଯାଇପାରିବ ନାହିଁ ।"

ଦୂତ ଫେରି ଯାଇ ସମସ୍ତ କଥା ବନଦେବୀଙ୍କୁ କହିଲା । ବନଦେବୀ ଦୂତ କଥା ଶୁଣି ରାଗିଗଲେ । ସେ ଭାବିଲେ ସିଂହ ବୋଧହୁଏ ତା କଥାକୁ ରକ୍ଷା କରି ପାରି ନ ଥିବାରୁ ସଭାକୁ ଆସିବା ପାଇଁ ସାହାସ କରୁନାହିଁ । ସେ ସଭାରେ ବସିଥିବା ପଶୁ ପକ୍ଷୀମାନଙ୍କୁ କହିଲେ—"ସିଂହ ତା କଥାକୁ ରକ୍ଷା କରି ପାରିନାହିଁ ତାକୁ କି ଦଣ୍ଡ ଦେବା ?"

ସଭାରେ ବସିଥିବା ଠେକୁଆ କହିଲା—"ସିଂହଙ୍କୁ ମୃତ୍ୟୁ ଦଣ୍ଡ ଦିଆଯାଉ ।"

ବଣ କୁକୁଡ଼ା ଛିଡ଼ା ହୋଇ କହିଲା—"ମୁଁ ଠେକୁଆ ଭାଇର ପ୍ରସ୍ତାବକୁ ସମର୍ଥନ କରୁଛି କି, ସିଂହ ନିଶ୍ଚିତ ରୂପେ ମୃତ୍ୟୁ ଦଣ୍ଡ ପାଇବା ଉଚିତ ।"

ସେମାନଙ୍କ କଥା ଶୁଣି ବନଦେବୀ ତାଙ୍କ ହାତ ଉପରକୁ ଟେକି ଦେଇ କହିଲେ—"ବନରାଜ ସିଂହକୁ ମୃତ୍ୟୁ ଦଣ୍ଡ ଦିଆଗଲା ।"

ବନଦେବୀଙ୍କ ଆଦେଶ ସରିଛି କି ନାହିଁ ମାଙ୍କଡ଼ଟିଏ ଦୌଡ଼ି ଦୌଡ଼ି ଆସି ବନଦେବୀଙ୍କ ପାଖରେ ପହଞ୍ଚିଲା । ସେ ତାଙ୍କ ପାଦତଳେ ନମସ୍କାର କରି କହିଲା—"ବନଦେବୀ, ଆପଣ ଏ କ'ଣ କଲେ ? ବନରାଜଙ୍କୁ ମୃତ୍ୟୁ ଦଣ୍ଡ ଦେଇଦେଲେ ! ବନରାଜ କେବେଠୁଁ ବେମାର ଥିଲେ । ସେ ଉଠିପାରୁ ନ ଥିଲେ । ତେଣୁ ମୁଁ ତାଙ୍କ ସେବାରେ ନିଯୁକ୍ତ ଥିଲି । ତାଙ୍କୁ ଖାଦ୍ୟପେୟ ଯୋଗାଇ ଦେଉଥିଲି । ଏଭଳି ଅବସ୍ଥାରେ ସେ କ'ଣ ତୋତୋ ପକ୍ଷୀମାନଙ୍କୁ ରକ୍ଷାକରି ପାରିଥାନ୍ତେ ?"

ମାଙ୍କଡ଼ର କଥା ଶୁଣି ବନଦେବୀଙ୍କ ମନ ବି ଦୁଃଖରେ ପୂରିଗଲା । ସେ କହିଲେ—"ମୁଁ ତ ମୃତ୍ୟୁ ଅଦେଶ ଦେଇ ଦେଇଛି । ତାହା ଅନ୍ୟଥା ହେବନାହିଁ ।"

ତାପରେ ସମସ୍ତେ ପାହାଡ଼ ଉପରେ ଥିବା ବନରାଜ ସିଂହ ପାଖରେ ପହଞ୍ଚିଲେ । ସେତେବେଳେ ସିଂହର କିନ୍ତୁ ଜୀବନ ନ ଥିଲା । ସେ ମରି ପଡ଼ିଥିଲା । ତା ମୃତ୍ୟୁରେ ବଣସାରା ଶୋକ ଛାଇଗଲା ।

ବନଦେବୀ କହିଲେ—"ଏଇଠି ବନରାଜ ସିଂହଙ୍କ ପାଇଁ ସମାଧି ତିଆରି କରିଦିଅ, ଯେଉଁଠିକି ତାଙ୍କ ମୂର୍ତ୍ତି ସମୁଦ୍ର ଆଡ଼େ ଚାହିଁଥାଉ ।"

ତାଙ୍କ ଆଦେଶରେ ପାହାଡ଼ ଉପରେ ସମାଧି ତିଆରି କରାଗଲା । ଏ ସମାଧି ଉପରେ ବନରାଜ ସିଂହର ମୂର୍ତ୍ତି ଆଜି ବି ବିରାଜମାନ କରିଛି ।

—*—

Digitized by srujanika@gmail.com

ମୃଗ କୁଣ୍ଡ

ମରିଶସ ଦ୍ୱୀପରେ ତୋତୋ ପକ୍ଷୀଙ୍କ ବଂଶ ନିପାତ ହୋଇଗଲା । ସେଠିକାର ବନରାଜ ସିଂହର ମୃତ୍ୟୁ ହୋଇଗଲା । ତଥାପି ଦ୍ୱୀପରେ ଥିବା ଜୀବଜନ୍ତୁ ମାନଙ୍କ ଉପରୁ ବିପଦ ଗଲାନାହିଁ । ଶିକାରୀଦଳ ବାରମ୍ବାର ଏ ଦ୍ୱୀପକୁ ଆସିବାରେ ଲାଗିଲେ । ସେମାନେ ଯେତେବେଳେ ଆସୁଥିଲେ ସାରା ଦ୍ୱୀପରେ ଆତଙ୍କ ଖେଳି ଯାଉଥିଲା । ସେମାନଙ୍କ ଭୟରେ ପକ୍ଷୀମାନେ ଦୂର ଆକାଶକୁ ଉଡି ଯାଉଥିଲେ । ମାଙ୍କଡ଼ମାନେ ଗଛରୁ ଗଛକୁ ଡିଆଁ ମାରି ପଳାଇ ଯାଉଥିଲେ । ଠେକୁଆମାନେ ଘାସ ବୁଦା ଭିତରେ ଲୁଚି ଯାଉଥିଲେ । କଇଁଛମାନେ ପାଣି ଭିତରେ ବୁଡି ଯାଉଥିଲେ । କେବଳ ସେଇଠି ରହୁଥିବା ହରିଣମାନେ ପଳାଇ ଯାଇପାରୁ ନ ଥିଲେ । ସେମାନଙ୍କ ପାଇଁ ଆଶ୍ରୟ ନ ଥିଲା । ଶିକାରୀମାନେ ସେମାନଙ୍କ ପଛେ ପଛେ ଗୋଡାଇ ସେମାନଙ୍କୁ ଶିକାର କରି ନେଇ ଯାଉଥିଲେ ।

ଦିନକର ଶିକାରୀ ଦଳଟିଏ ନାଆରେ ଆସି ମରିଶସ ଦ୍ୱୀପରେ ପହଞ୍ଚିଲେ । ସେମାନେ ଆସିବାରୁ ଜୀବ ଜନ୍ତୁ ସବୁ ପଳାଇ ଗଲେ । ହରିଣମାନେ କିନ୍ତୁ ପଳାଇ ପାରିଲେ ନାହିଁ । ଶିକାରୀ ମାନେ ବହୁ ସଂଖ୍ୟାରେ ହରିଣ ଶିକାର କରି ଦ୍ୱୀପ ଛାଡି ଚାଲିଗଲେ । ସେମାନେ ଗଲାପରେ ଅନ୍ୟ ହରିଣମାନେ ସେମାନଙ୍କ ଆତ୍ମୀୟ ମାନଙ୍କୁ ଖୋଜିଲେ କିନ୍ତୁ ଅନେକଙ୍କୁ ପାଇଲେ ନାହିଁ । ସେମାନଙ୍କ ଆଖି ଲୁହରେ ଭିଜିଗଲା । କାନ୍ଦକାନ୍ଦ ସେମାନେ ପୁଣି ବନଦେବୀଙ୍କୁ ଡାକିଲେ ।

ହରିଣମାନଙ୍କ ଡାକ ଶୁଣି ବନଦେବୀ ସେଠି ଉପସ୍ଥିତ ହେଲେ । ତାଙ୍କ ଆଗରେ ଯେଉଁ ହରିଣ ପରିବାରର ଭାଇବନ୍ଧୁ ମରିଥିଲେ ସେମାନେ କାନ୍ଦ କାନ୍ଦ ହୋଇ କହିଲେ— "ବନଦେବୀ, ଆପଣ ଯଦି ଆମର ରକ୍ଷା ନ କରିବେ ତେବେ ତୋତୋ ପକ୍ଷୀଙ୍କ ଭଳି ଆମ ବଂଶ ନିପାତ ହୋଇଯିବ ।"

ସେମାନଙ୍କ ଦୁଃଖ ଦେଖି ବନଦେବୀଙ୍କ ଦୟା ହେଲା । ସେ [illegible] ମାନଙ୍କୁ ରୁନ କରାଇଲେ ଓ ପୃଥିବୀରେ [illegible] ବଜାଇଲେ । ଦ୍ୱୀପରେ ରହୁଥିବା ସମସ୍ତ ପଶୁପକ୍ଷୀ ସଭାରେ ଉପସ୍ଥିତ ହେଲେ । ବନଦେବୀ ସେ ସମସ୍ତଙ୍କୁ କହିଲେ—

Digitized by srujanika@gmail.com

"ଦେଖ, ବନରାଜ ସିଂହଙ୍କ ମୃତ୍ୟୁ ପରେ ତାଙ୍କ ସିଂହାସନଟି ଖାଲି ପଡ଼ିଛି । ତୁମ ଭିତରୁ ଏପରି କିଏ ବୀର ଅଛି ଯିଏକି ଏ ବଣରେ ରାଜା ହୋଇ ହରିଣମାନଙ୍କୁ ରକ୍ଷା କରିବ ।

ବନଦେବୀଙ୍କ କଥାଶୁଣି ସମସ୍ତେ ମୁଣ୍ଡ ତଳକୁ କରିଦେଲେ । ଶିକାରୀମାନଙ୍କ ହାତରୁ ହରିଣମାନଙ୍କୁ ରକ୍ଷା କରିବା ପାଇଁ କାହାର ସାହାସ ନ ଥିଲା । ତଥାପି କ'ଣ କଲେ ହରିଣ ମାନେ ରକ୍ଷା ପାଇବେ ଏ ପାଇଁ ପଶୁପକ୍ଷୀ ମାନେ ବନ-ଦେବୀଙ୍କୁ ନିଜ ନିଜ ମତ ଜଣାଇଲେ ।

ବଣ ମୂଷା କହିଲା—"ବନଦେବୀ, ଆପଣ ହରିଣମାନଙ୍କ ପାଇଁ ଏଭଳି ଏକ ବଗିଚା କରିଦିଅନ୍ତୁ ଯେଉଁଠିକି ଶିକାରୀମାନେ ଯାଇପାରିବେ ନାହିଁ । ହରିଣମାନେ ସେଠି ହସି ଖେଳି ଜୀବନ ବିତାଇବେ ।"

ଏଭଳି ବିଭିନ୍ନ ପଶୁ ପକ୍ଷୀମାନଙ୍କ ମତ ଶୁଣିଲା ପରେ ବନଦେବୀ କିଛି ସମୟ ନୀରବ ହୋଇଗଲେ । ସେ ନିଜ ହାତ ଦୁଇଟିକୁ ଉପରକୁ ଉଠାଇଲେ । ସେ ତାଙ୍କ ହାତ ଦୁଇଟିକୁ ଯେତେବେଳେ ଉପରକୁ ଉଠାଉଥାନ୍ତି ଦ୍ୱୀପର ଚାରିପଟେ ସେତେ-ବେଳେ ଅନ୍ଧକାର ମାଡ଼ି ଆସୁଥାଏ । ଧୀରେ ଧୀରେ ସାରା ଦ୍ୱୀପଟା ସିଚ ସିଚ ଅନ୍ଧ-କାରରେ ପୂରିଗଲା । ମୁହଁକୁ ମୁହଁ ଆଉ ଦିଶିଲା ନାହିଁ ଭୂମିକମ୍ପ ହୋଇ ମାଟି ଥରିଲା ।

ଏ ସବୁ ଦେଖି ଜୀବଜନ୍ତୁ ପଶୁପକ୍ଷୀ ସମସ୍ତେ ଡରିଗଲେ । କେହି କିଛି ପାଟି ଫିଟାଇ ପାରିଲେ ନାହିଁ ।

କିଛି ସମୟ ପରେ ବନଦେବୀ ତାଙ୍କ ହାତ ଦୁଇଟାକୁ ତଳକୁ କରିଦେଲେ । ସେ ହାତ ଦୁଇଟିକୁ ତଳକୁ କରିବା ପରେ ପରେ ଅକାଶରୁ ଅନ୍ଧକାର ଫାଙ୍କି ଗଲା । ଧୀରେ ଧୀରେ ଆଲୁଅରେ ଦ୍ୱୀପଟା ହସି ଉଠିଲା । କିନ୍ତୁ ଏ କଣ ? ଆଖି ଆଗରେ ମସ୍ତବଡ଼ କୁଣ୍ଡଟିଏ ! କୁଣ୍ଡଟିକୁ ଦେଖି ସବୁ ଜୀବଜନ୍ତୁ ଆଶ୍ଚର୍ଯ୍ୟ ହୋଇଗଲେ ।

ବନଦେବୀ ହରିଣମାନଙ୍କୁ କହିଲେ—"ଦେଖ, ଏ କୁଣ୍ଡଟି ତୁମ ପାଇଁ ତିଆରି କରି ଦେଲି । ଏହା ଭିତରେ ପାଣି ଅଛି ଓ ଛନଛନିଆଁ କଅଁଳିଆ ଘାସରେ ସ୍ଥାନଟି ପୂରି ଯାଇଛି । ଯେତେବେଳେ ଶିକାରୀମାନେ ଏ ଦ୍ୱୀପକୁ ଆସିବେ ତୁମେ ଏଠି ଲୁଚିରହି ଜୀବନ ବଞ୍ଚାଇବ ।"

Digitized by srujanika@gmail.com

ବନଦେବୀଙ୍କ କଥା ଶୁଣି ହରିଣମାନଙ୍କ ମନ ଆନନ୍ଦରେ ନାଚି ଉଠିଲା । ସେ ସମସ୍ତେ ବନଦେବୀଙ୍କ ଜୟଗାନ କରି ଡିଆଁ ମାରି ପଳାଇଲେ ଏବଂ ନିର୍ଭୟରେ ବଣଯାକ ବୁଲିଲେ ।

ଏହାର କିଛି ଦିନ ଗଲା ପରେ ପୁଣି ଗୋଟିଏ ଶିକାରୀ ଦଳ ଦ୍ୱୀପରେ ଆସି ପହଞ୍ଚିଲେ । ସେମାନଙ୍କୁ ଦେଖି ସମସ୍ତ ପଶୁପକ୍ଷୀ ପଳାଇ ଗଲେ । ହରିଣମାନେ ମଧ୍ୟ ବନଦେବୀଙ୍କ ଦ୍ୱାରା ତିଆରି ହୋଇଥିବା କୁଣ୍ଡ ଭିତରେ ଲୁଚିଯାଇ ଜୀବନ ରକ୍ଷା କଲେ ।

ଶିକାରୀମାନେ ଦିନଭରି ବୁଲିଲେ । ଆଶ୍ଚର୍ଯ୍ୟର କଥା ସେମାନଙ୍କୁ ଗୋଟିଏ ବି ହରିଣ ଦେଖାଗଲେ ନାହିଁ । ସେମାନେ ନିରାଶରେ ନିଜ ନୌକା ପାଖକୁ ଫେରି ଗଲେ । ତାପର ଦିନ ପୁଣି ବନସାରା ବୁଲି ସେମାନେ ଶିକାର ଖୋଜିଲେ । ସେ ଦିନ ବି ସେମାନଙ୍କୁ ନିରାଶ ହେବାକୁ ପଡ଼ିଲା । ଏପରି ଭାବେ ପାଞ୍ଚ ଦିନ ବିତିଗଲା । ତଥାପି ହରିଣଟିଏ ବି ଦେଖାଗଲା ନାହିଁ । ଏଥର ସମସ୍ତେ ଦ୍ୱୀପ ଛାଡ଼ି ଚାଲିଯିବା ପାଇଁ ପ୍ରସ୍ତୁତ ହୋଇଗଲେ । କିନ୍ତୁ ଶିକାରୀମାନଙ୍କ ସର୍ଦ୍ଦାର ଥିଲା ବଡ଼ ସାହସୀ । ସେ ସାଙ୍ଗରେ ନେଇ ଆସିଥିବା ତାର ଶିକାରୀ ଘୋଡ଼ାର ପିଠିରେ ବସି ବଣ ପାହାଡ଼ ଚାରିଆଡ଼େ ଘୁରି ବୁଲିଲା । ବୁଲୁ ବୁଲୁ ଦିନକର ସେ ବହୁତ ଦୂରକୁ ଚାଲିଯାଇ ତା ଘୋଡାକୁ ଗୋଟିଏ ପାହାଡ଼ରୁ ଆଉ ଗୋଟିଏ ପାହାଡ଼କୁ ନେଇ ଆସିଲା ବେଳେ ଦେଖିଲା, ଗୋଟିଏ ମସ୍ତବଡ଼ ଗର୍ତ୍ତ, ଯେଉଁଥିରେକି ହରିଣମାନେ ଆଶ୍ରୟ ନେଇଛନ୍ତି । ଗର୍ତ୍ତରେ ଦ୍ୱୀପର ସମସ୍ତ ହରିଣଙ୍କୁ ଦେଖି ତା ମନଟା ଆନନ୍ଦରେ ପୂରିଗଲା । ସେ ଆଉ ବିଳମ୍ବ ନ କରି ତା ଘୋଡ଼ାକୁ ଦୌଡ଼ାଇ ନେଇ ଆସିଲା ଅନ୍ୟାନ୍ୟ ଶିକାରୀ-ମାନେ ରହୁଥିବା ସ୍ଥାନକୁ ।

ଶିକାରୀମାନେ ସେମାନଙ୍କ ସର୍ଦ୍ଦାରକୁ ଅପେକ୍ଷା କରି ରହିଥିଲେ । ସର୍ଦ୍ଦାର ସେମାନଙ୍କୁ ଯେମିତି ଦେଖିଛି ପାଟିକରି କହି ଉଠିଲା—"ପାଇଗଲି, ପାଇଗଲି ।"

ଶିକାରୀମାନେ ପଚାରିଲେ—"କ'ଣ ?"

ସର୍ଦ୍ଦାର କହିଲା—"ମୃଗକୁଣ୍ଡ । ଦ୍ୱୀପଟା ସାରା ସବୁଯାକ ହରିଣ ଗୋଟିଏ କୁଣ୍ଡରେ ଆଶ୍ରୟ ନେଇଛନ୍ତି ।"

ସର୍ଦ୍ଦାରର କଥା ଶୁଣି ସମସ୍ତେ ଖୁସି ହୋଇଗଲେ । ତା'ପର ଦିନ ମୃଗ-କୁଣ୍ଡକୁ ଯାଇ ହରିଣମାନଙ୍କୁ ଶିକାର କରିବା ପାଇଁ ସେମାନେ ନିଷ୍ପତ୍ତି କଲେ ।

Digitized by srujanika@gmail.com

ସର୍ଦ୍ଦାର କିନ୍ତୁ ସେମାନଙ୍କୁ ମନାକରି କହିଲା—"ମୋର ଅନୁମାନ କୌଣସି ଦେବୀଙ୍କ ଦୟାରୁ ହରିଣମାନେ ଗୋଟିଏ ନିରାପଦ ସ୍ଥାନରେ ରହିଯାଇଛନ୍ତି । ତେଣୁ ଆମେ ସେମାନଙ୍କୁ ଆଉ ଶିକାର କରିବା ନାହିଁ । କାଲି ଏହି ଦ୍ୱୀପ ଛାଡ଼ି ଚାଲିଯିବା ।"

ସର୍ଦ୍ଦାରର କଥାରେ ସମସ୍ତେ ରାଜି ହୋଇଗଲେ । ତାପରଦିନ ଶିକାରୀମାନେ ଦ୍ୱୀପ ଛାଡ଼ି ଚାଲିଗଲେ । ସେମାନେ ଗଲାପରେ ପଶୁପକ୍ଷୀ ହରିଣ ଆଦି ମହାଆନନ୍ଦରେ ଖେଳିଲେ, ବୁଲିଲେ, ବନଦେବୀଙ୍କୁ ପୂଜା କଲେ ।

ମଣିପୁରରେ ଆଜି ବି ଏ ମୃଗକୁଣ୍ଡ ଏକ ଦର୍ଶନୀୟ ସ୍ଥାନ ରୂପେ ରହିଛି ।

———

Digitized by srujanika@gmail.com

ପରୀ ପୁଷ୍କରଣୀ

ମରିସସ ଦ୍ୱୀପରେ ଜଣେ ଫରାସୀ ଜମିଦାର ରହୁଥିଲେ । ସେ ବଡ଼ ନିଷ୍ଠୁର ପ୍ରକୃତିର । ଘରଠାରୁ କିଛି ଦୂରରେ, ବଣ ଭିତରେ ତାଙ୍କ ଚାଷ ଜମି ଥିଲା । ସେଇଠି ସେ ମକା ଚାଷ କରିଥିଲେ । ତେବେ ବଣ ଭିତରେ ତ ବାରହାମାନଙ୍କ ଉତ୍ପାତ ବେଶି । ସେମାନେ ମକା କ୍ଷେତକୁ ଆସି ମକା ଗଛଗୁଡ଼ିକ ନଷ୍ଟ କରି ପକାଉଥିଲେ । ଜମିଦାର ତାଙ୍କର ଜଣେ ଆଦିବାସୀ ଚାକରକୁ କ୍ଷେତରେ ଜଗୁଆଳି ରୂପେ ରଖିଲେ ।

ଚାକରଟି ଦିନରାତି ବିଲରେ ରହି ଜଗିଲା । ବରାହମାନେ କାଳେ ମକା ଗଛଗୁଡ଼ିକ ନଷ୍ଟ କରିଦେବେ ଏ ଭୟରେ ବିଲ ଛାଡ଼ି ସେ ଆଉ କେଉଁଠିକି ଗଲାନାହିଁ । ଜମିଦାର ପ୍ରତିଦିନ ଠିକ୍ ସମୟରେ ତା ପାଖକୁ ଖାଇବା ଦରବ ପଠାଇ ଦିଅନ୍ତି ।

ଦିନକରେ ଖାଇବା ବେଳ ଗଡ଼ିଗଲା କିନ୍ତୁ ଚାକରଟି ପାଖକୁ ଖାଇବା ଦରବ ପଠାଗଲା ନାହିଁ । ଦେଖୁଁ ଦେଖୁଁ ରାତି ହୋଇ ତା ପରଦିନ ସକାଳ ହେଲା । ଦ୍ୱିତୀୟ ଦିନ ବି ତା ପାଖରେ ଖାଇବା ଦରବ ପହଞ୍ଚିଲା ନାହିଁ । ତୃତୀୟ ଦିନ ତା ପେଟ ଭୋକରେ ଆଉଟୁ ପାଉଟୁ ହେଲା । ସେ ଗଛ ଉପରକୁ ଚଢ଼ି ଜମିଦାରଙ୍କ ଆସିବା ବାଟକୁ ଅନାଇ ରହିଲା । ତୃତୀୟ ଦିନ ବି ଜମିଦାର ଆସିଲେ ନାହିଁ । ବିଚରା ଚାକରଟି ଆଉ କ'ଣ କରନ୍ତା ? ସେ କ୍ଷେତରେ ହୋଇଥିବା ମକା ଗଛରୁ କେତେକ ମକା ଛିଣ୍ଡାଇ ଖାଇଲା । ପେଟଟା, ତାର ଶାନ୍ତ ହେଲା ।

ତିନି ଦିନ ପରେ ଜମିଦାର ବିଲରେ ଆସି ପହଞ୍ଚିଲେ । ବିଚରା ଚାକର ଜମିଦାରଙ୍କୁ ଦେଖି ଭୟରେ ଥରିଲା । ଜମିଦାର କ୍ଷେତର ଚାରିଆଡ଼େ ଆଖି ବୁଲାଇ ଦେଖିଲେ ଯେ, ଗୋଟିଏ ଦିଟା ଗଛରୁ କିଛି ମକା ତୋଳା ହୋଇଯାଇଛି । ସେ ଚାକର ଉପରେ ରାଗିଯାଇ ମକା କିଏ ତୋଳିଲା ବୋଲି ପଚାରିଲେ ।

ଚାକରଟି ଡରି ଡରି ସମସ୍ତ କଥା କହିଲା । ଜମିଦାର କହିଲେ—"ମୁଁ ତୋତେ କ୍ଷେତ ଜଗାଇବା ପାଇଁ ରଖିଛି ନା ମକା ତୋଳି ଖାଇବା ପାଇଁ ?"

Digitized by srujanika@gmail.com

ତାପରେ ଜମିଦାର ତାଙ୍କ ହାତରେ ଥିବା ବାଡ଼ିଖଣ୍ଡିରେ ଗୃହଗକୁ ଖୁବ୍ ପିଟିଲେ । ମାଡ଼ ଖାଇ ଖାଇ ଗୃହଗଟିର ଦାନ୍ତ ସବୁ ଭାଙ୍ଗିଗଲା । ତା ଦେହ ହାତରୁ ରକ୍ତ ବୋହିଲା ସେଇଠି ସେ ମୂର୍ଚ୍ଛା ହୋଇ ପଡ଼ିଗଲା ।

ଜମିଦାର ବଲ ପାଖରେ ଥିବା ଗୋଟିଏ ଶୁଖିଲା ପୋଖରୀରେ ତାକୁ ଫିଙ୍ଗି ଗୃଲିଗଲେ ।

ବିଚରା ସେଇଠି ସେମିତି ପଡ଼ିଥାଏ । କ୍ରମେ ରାତି ହେଲା । ସବୁଆଡ଼େ ଅନ୍ଧକାର ମାଡ଼ି ଆସିଲା । ଫୁଲୁଫୁଲିଆ ପବନ ବୋହିଲା । ଦେହରେ ଫୁଲୁଫୁଲିଆ ପବନ ବାଜିବାରୁ ଗୃହଗଟିକୁ ଟିକିଏ ଭଲ ଲାଗିଲା । ସେ ଆଖି ଖୋଲିଲା । ଏତିକି ବେଳେ ଆକାଶ ମାର୍ଗରୁ ଭାସି ଆସୁଥିବା ମଧୁର ସଙ୍ଗୀତ ତାକୁ ଶୁଣାଗଲା । ଧୀରେ ଧୀରେ ସେ ଆକାଶ ଉପରକୁ ମୁଣ୍ଡ ଟେକିଲା । ଦେଖିଲା ଆକାଶରୁ ଏକ ଉଜ୍ଜ୍ୱଳ ଆଲୋକ ପୋଖରୀ ଆଡ଼କୁ ଆସୁଛି ଏବଂ ଆଲୋକ ଭିତରେ ଅତିସୁନ୍ଦରୀ ପରୀମାନେ ଓହ୍ଲାଇ ଆସୁଛନ୍ତି ।

କିଛି ସମୟ ପରେ ପରୀମାନେ ଆସି ତା ପାଖରେ ପହଞ୍ଚିଲେ । ତାକୁ ସେଇଠି ସେମିତି ପଡ଼ି ରହିଥିବାର ଦେଖି ସେମାନେ କେତେ କ'ଣ ପ୍ରଶ୍ନ ତାକୁ ପଗ୍ଚରିଲେ ।

ବିଚରା ଗୃହଗଟି କାନ୍ଦି କାନ୍ଦି ହୋଇ ନିଜର ଦୁଃଖ କହିଗଲା । ପରୀମାନଙ୍କ ଭିତରୁ ଜଣେ କହିଲା—"ଏ ପୁଷ୍କରଣୀ ଆଉ ଶୁଖିଲା ରହିବ ନାହିଁ । ତୁ ବହୁତ କାନ୍ଦିଲୁଣି । ତୋ ଆଖି ଲୁହରେ ପୁଷ୍କରଣୀଟି ଏଥର ଭରିଯିବ । ତୁ ଭଲ ହୋଇଯିବୁ ।"

ଏ କଥା ଶୁଣି ଗୃହଗଟି ସେମାନଙ୍କୁ ମୁଣ୍ଡିଆ ମାରିଲା ଓ ମୁଣ୍ଡ ଟେକି ଯେ ଯେତେବେଳେ ଦେଖିଲା ସେତେବେଳେ ପରୀମାନେ ଉଭେଇ ଯାଇଥିଲେ । ଗୃହଗଟି ଦେଖିଲା ତା ପାଟିରୁ ଝଡ଼ି ଯାଇଥିବା ଦାନ୍ତଗୁଡ଼ିକ କଅଁଳି ଗଲାଣି । ଦେହରେ ତାର ଆଉ କୌଣସି କ୍ଷତ ଚିହ୍ନ ନାହିଁ ଏବଂ ବର୍ଷ ବର୍ଷ ଧରି ଶୁଖି ରହିଥିବା ପୁଷ୍କରଣୀଟି ତା ଆଖିର ଲୁହରେ ଭରିଗଲାଣି । ଗୃହଗଟିକୁ ଏ ସମସ୍ତ ଘଟଣା କୁହୁକ ଭଳି ଲାଗୁଥାଏ ।

ଠିକ୍ ସେହିଦିନ ରାତିରେ ମରଣସିର ନିସ୍ପୋଲେ ନାମକ ଗ୍ରାମରେ ରହୁଥିବା ଜଣେ ଦରିଦ୍ର ବ୍ରାହ୍ମଣ ସ୍ୱପ୍ନରେ ସେ ପୁଷ୍କରଣୀଟିକୁ ଦେଖିଲା । ପୁଷ୍କରଣୀଟି ଜଳରେ ଭରି ଯାଇଥିଲା । ତାପରେ କେହି ଜଣେ ଶୂନ୍ୟରୁ ତାକୁ କହିଲା—"ବଣ

Digitized by srujanika@gmail.com

ଭିତରେ ଥିବା ଶୁଖିଲା ପୁଷ୍କରିଣୀଟିରେ ଏବେ ଜଳ ଭରି ଯାଇଛି । ଏ ଜଳ ଅତି ପବିତ୍ର । ଏହାକୁ ଶିବରାତ୍ରି ଦିନ ନେଇ ଶିବଙ୍କ ମୁଣ୍ଡରେ ଢାଳିଲେ ପୁଣ୍ୟ ଫଳ ମିଳିବ ।"

ପର ଦିନ ସକାଳେ ବ୍ରାହ୍ମଣଟି ତା ଗାଁ ଲୋକଙ୍କୁ ସ୍ୱପ୍ନରେ ଦେଖିଥିବା ଓ ଶୁଣିଥିବା ପୁଷ୍କରିଣୀର କଥା କହିଲା ଓ ସେ ସମସ୍ତଙ୍କୁ ସାଙ୍ଗରେ ନେଇ ବଣ ଭିତରେ ଥିବା ପୁଷ୍କରିଣୀ ନିକଟରେ ପହଞ୍ଚିଲା । ସତକୁ ସତ ପୁଷ୍କରିଣୀଟି ସେତେ-ବେଳେ ଜଳରେ ଭରିଯାଇଥିବା ଦେଖି ସମସ୍ତେ ଖୁସି ହେଲେ ।

ସେହିଦିନଠାରୁ ପ୍ରତି ବର୍ଷ ଶିବରାତ୍ରି ଦିନ ଏ ପୁଷ୍କରିଣୀ କୂଳରେ ଗୋଟିଏ ମେଳା ବସିଲା ଓ ଏହା ପଞ୍ଚ ପୁଷ୍କରିଣୀ ନାମରେ ଖ୍ୟାତି ଲାଭ କଲା ।

—*—

Digitized by srujanika@gmail.com

ମୁଡ଼ୟା ପାହାଡ଼

ସେ ଅନେକ ବର୍ଷ ତଳର କଥା । ମରଣସେର ପୋର୍ଟଲୁଇ ସହର ନିକଟରେ ଗୋଟିଏ ଗ୍ରେଟିଆ ଗାଁ ଥିଲା । ଏ ଗାଁରେ ସ୍ୟାନ୍ଲକ ନାମକ ଗାଈଆଳ ପିଲା ତା ବାପା ମା ସହିତ ରହୁଥିଲା । ବିଚରା ବଡ଼ ଗରିବ । ପ୍ରତିଦିନ ପାହାନ୍ତିଆ ପହରୁ ଉଠି ସେ ଗାଈ ଦୁହେଁ ଓ ଆଖପାଖ ଗାଁକୁ ଦୁଧ ନେଇ ବିକେ । ସେଥିରୁ ସେ ଯାହା ପଇସା ପାଏ ତହିଁରେ ତା ବାପା ମାଙ୍କ ସହିତ ବଡ଼ କଷ୍ଟରେ ଚଳେ ।

ଦିନକର ସ୍ୟାନ୍ଲକ ଦୁଧ ବିକିବା ପାଇଁ ଦୂର ଗାଁକୁ ଚାଲିଗଲା । ଫେରୁ ଫେରୁ ସନ୍ଧ୍ୟା ହୋଇଗଲା । ଜଙ୍ଗଲ ରାସ୍ତାରେ ଆସିଲାବେଳେ ତାକୁ ଶୋଷ ହେଲା ଓ ଗୋଡ଼ ହାତ ବହୁତ ବଥେଇଲା । ବଣ ଭିତରେ ଥିବା ଗୋଟିଏ ଗଛମୂଳେ ବସି ସେ ଥକା ମାରିଲା । କ୍ରମେ ତା ଆଖି ଦୁଇଟା ବୁଜି ହୋଇ ଆସିଲା । ସେ ସେଇଠି ନିଘୋଡ଼ ନିଦରେ ଶୋଇ ପଡ଼ିଲା । ସେଇଠି କିଛି ଦୂରରେ ଯେ ଗୋଟିଏ ପୋଖରୀ ଥିଲା, ତାକୁ ଏ କଥା ମୋଟେ ଜଣା ନ ଥିଲା ।

ଏହିପରି ଭାବରେ ରାତି ଅଧ ହୋଇଗଲା । ଠିକ୍ ଏତିକିବେଳେ କି ଶବ୍ଦ ଶୁଣି ସ୍ୟାନ୍ଲକର ନିଦ ଭାଙ୍ଗିଗଲା । ସେ ଦେଖିଲା ନାଲି ନେଳି ଅନେକ ରଙ୍ଗର ଆଲୁଅ ବଣ୍ଟାଯାଏ ଗଛ ଲତା ଉପରେ ପଡି ଅତି ସୁନ୍ଦର ଦେଖାଯାଉଛି ଏବଂ ସେହି ଆଲୁଅ ପାଖରେ ଥିବା ଗୋଟିଏ ପୋଖରୀରେ ପଡ଼ି ତହିଁର ପାଣିତକ ଝଲସି ଉଠୁଛି । ସ୍ୟାନ୍ଲକକୁ ଏସବୁ ସ୍ୱପ୍ନ ଭଳି ଲାଗିଲା । ପୋଖରୀଆଡ଼କୁ ତା ଆଖି ଦୁଇଟା ଲାଖି ରହିଲା । ସେ ଦେଖିଲା ପୋଖରୀ ଭିତରେ ପରୀମାନେ ନାଚୁଛନ୍ତି, ଗୀତ ଗାଉଛନ୍ତି ।

କିଛି ସମୟ ପରେ ସେମାନଙ୍କ ନୃତ୍ୟ ଗୀତ ବନ୍ଦ ହେଲା । ଗଛ ତଳେ ବସି ନାଚ ଦେଖୁଥିବା ସ୍ୟାନ୍ଲକଆଡ଼େ ସେମାନଙ୍କର ଆଖି ପଡ଼ିଗଲା । ସେ ସବୁ ତା ପାଖକୁ ଚାଲି ଆସିଲେ । ସେମାନଙ୍କ ଭିତରେ ଥିବା ପରୀ ରାଣୀ ସ୍ୟାନ୍ଲକକୁ ପଚାରିଲା—"ତୁ ଏଠି କ'ଣ କରୁଛୁ ?"

ବିଚରା ସ୍ୟାନ୍ଲକ ପରୀରାଣୀର କଥା ଶୁଣି ଡରିଗଲା । ତଥାପି ମନରେ ସାହସ ବାନ୍ଧି କହିଲା—"ମୁଁ ଜଣେ ଗରିବ ପିଲା । ଗାଈ ଦୁହିଁ ଦୁଧ ବିକିବା ହେଲା ମୋର

Digitized by srujanika@gmail.com

ନାଚ ଦେଖିଲି । ଅନ୍ନ ଦୁଧ ବିକିବାକୁ ଦୂର ଗାଁକୁ ଚାଲିଗଲି । ଆସୁଆସୁ ଏ ବଣ ଭିତରେ ସନ୍ଧ୍ୟା ହୋଇଗଲା । ଚାଲି ଚାଲି ଗୋଡ଼ ବିନ୍ଧିବାରୁ ଏଠି ଗଛମୂଳେ ଟିକିଏ ବସିପଡ଼ିଲି । ଥକି ଯାଇଥିବାରୁ ମୋତେ ନିଦ ହୋଇଗଲା ।”

ଯାନ୍ତ୍ରିକର କଥା ଶୁଣି ପରୀରାଣୀର ଦୟା ହେଲା । ସେ ତାକୁ କହିଲା—“ଯା, ଆଜିଠାରୁ ତୋର ଆଉ ଦୁଃଖ ରହିବ ନାହିଁ । ତୁ ପ୍ରତିଦିନ ଅଧରାତିରେ ଏଠିକି ଆ, ଆମର ନାଚ ଦେଖିବୁ । କିନ୍ତୁ ସାବଧାନ, ଆମ ସମ୍ବନ୍ଧରେ କାହାକୁ କିଛି କହିବୁ ନାହିଁ । ଯେଉଁ ଦିନ ଆମ ସମ୍ବନ୍ଧରେ ଅନ୍ୟମାନଙ୍କୁ କିଛି କହିବୁ ଜାଣିଥା, ସେ ଦିନ ତୁ ପଥର ପାଲଟି ଯିବୁ ।”

ଯାନ୍ତ୍ରିକ କହିଲା—“ପରୀ ରାଣୀ, ମୁଁ ଆପଣଙ୍କୁ କଥା ଦେଉଛି ଯେ, ଆପଣ-ମାନଙ୍କ ସମ୍ବନ୍ଧରେ କାହାକୁ କିଛି କହିବି ନାହିଁ ।”

ତାପରେ ପରୀମାନେ ଧୀରେ ଧୀରେ ଆକାଶକୁ ଉଡ଼ି ଚାଲିଗଲେ । ସେମାନେ ଗଲାପରେ ବଣର ନାଲି, ନେଳି ଆଲୁଅ ସବୁ ଉଭେଇ ଗଲା । ବଣଯାକ ଅନ୍ଧକାର ଛାଇଗଲା । ଯାନ୍ତ୍ରିକ ଏଥର ସେହି ଅନ୍ଧାରିଆ ରାତିଟାରେ ଘରକୁ ଫେରି ଆସିଲା ।

ତାପର ଦିନଠାରୁ ସବୁଦିନ ରାତିରେ ଯାନ୍ତ୍ରିକ ବଣ ଭିତରେ ଥିବା ପୋଖରୀ ପାଖକୁ ଚାଲିଆସେ । ରାତିସାରା ପରୀମାନଙ୍କ ନାଚ ଦେଖି ପାହାନ୍ତା ପହରରେ ସେ ଯାଇ ଘରେ ପହଞ୍ଚେ । ପରୀମାନଙ୍କ ଦୟାରୁ ଯାନ୍ତ୍ରିକର ଆଉ ଅଭାବ ମଧ୍ୟ ରହିଲା ନାହିଁ । ଅଳ୍ପ ଦିନ ଭିତରେ ସେ ବଡ଼ ଧନୀ ହୋଇଗଲା ।

ପରୀମାନଙ୍କ ସମ୍ବନ୍ଧରେ ସେ କାହାକୁ କିଛି କହିଲା ନାହିଁ । ତେବେ ପ୍ରତିଦିନ ରାତିରେ ପରୀମାନଙ୍କ ନାଚ ଦେଖିବା ପାଇଁ ସେ ବଣକୁ ଚାଲିଯାଉଥିବାରୁ ତା ବାପା ମା’ ଓ ଗାଁ ଲୋକଙ୍କ ତା ପ୍ରତି ସନ୍ଦେହ ବଢ଼ିଲା । ରାତି ଅଧରେ ସେ କେଉଁଠିକି ଯାଉଛି ? କ’ଣ କରୁଛି ? ଏସବୁ କଥା ତା ବାପା ମା ଓ ଗାଁ ଲୋକମାନେ ତାକୁ ବାରମ୍ବାର ପଚାରିଲେ । ଗାଁର କେତେକ ଲୋକ ତା ବାପା ମା’କୁ କହିଲେକି, ଯାନ୍ତ୍ରିକକୁ ଯଦି ବିବାହ କରି ଦିଆଯିବ ତେବେ ସେ ରାତିରେ ଘର ଛାଡ଼ି ଆଉ କେଉଁଠିକି ଯିବନାହିଁ ।

ଗାଁ ଲୋକଙ୍କ କଥା ଶୁଣି ବାପା ମା ତା ପାଇଁ କନ୍ୟା ଦେଖିଲେ । ବିବାହ ଦିନ ନିର୍ଦ୍ଧାରିତ ହୋଇଗଲା । ଲୋକେ ପାଲିଙ୍କିରେ ଯାନ୍ତ୍ରିକକୁ ବସାଇ ବାହା କରିବା ପାଇଁ ଆଉ ଗୋଟିଏ ଗାଁକୁ ନେଲେ । ବରଯାତ୍ରୀମାନେ ଯିବା ବାଟରେ ଗୋଟିଏ ବଣ ପଡ଼ିଲା । ବଣ ଭିତରେ ଯାଉଁ ଯାଉଁ ସେମାନଙ୍କୁ ସନ୍ଧ୍ୟା ହୋଇଗଲା । ବର-

Digitized by srujanika@gmail.com

ଯାତ୍ରୀମାନେ ସନ୍ଧ୍ୟା ସେ ବଣରେ କଟାଇଲେ । ସେମାନେ କିନ୍ତୁ ଯେଉଁ ସ୍ଥାନରେ ବିଶ୍ରାମ ନେଲେ ତାହା ନିକଟରେ ପୋଖରୀଟିଏ ଥିଲା । ସେଇଠିକୁ ପରୀମାନେ ନାଚ କରିବାକୁ ଆସୁଥିଲେ । ସ୍ୱାର୍ଥକ ପରୀମାନଙ୍କ ନାଚ ଦେଖିବା ପାଇଁ ପ୍ରତିଦିନ ରାତିରେ ସେଇଠି ପହଞ୍ଚୁଥିଲା ।

ଏହି ଅବସରରେ ବରଯାତ୍ରୀମାନେ ସ୍ୱାର୍ଥକ ସହିତ ଏଣୁତେଣୁ କଥା ହେଲେ । ସେ ରାତିରେ କେଉଁଠିକି ଆସୁଛି ? କ'ଣ କରୁଛି ? ଠିକ୍‌ଭାବେ କରି ସବୁ କଥା ସେମାନେ ପଚାରିବାରୁ ସ୍ୱାର୍ଥକ ଆଉ ସତ କଥାକୁ ଲୁଚାଇରଖି ପାରିଲା ନାହିଁ । ତା ମୁହଁରୁ ସତକଥା ବାହାରି ପଡ଼ିଲା କି, ସେ ପରୀମାନଙ୍କ ନାଚ ଦେଖିବା ପାଇଁ ବଣ ଭିତରେ ଥିବା ପୋଖରୀ ନିକଟକୁ ଆସୁଛି ।

ଏ କଥା ଶୁଣି ଜଣେ ବରଯାତ୍ରୀ ସ୍ୱାର୍ଥକକୁ କହିଲା—"ସ୍ୱାର୍ଥକ, ଯେଉଁ ପୋଖରୀକୁ ଆସି ପରୀମାନେ ନାଚ କରୁଛନ୍ତି, ସେ ସ୍ଥାନଟି କେଉଁଠି ଆମକୁ ଟିକିଏ ଦେଖାଇଦେ ।"

ବରଯାତ୍ରୀର କଥା ଶୁଣି ସ୍ୱାର୍ଥକ କହିଲା—"ଚାଲ, ପରୀମାନେ ଯେଉଁଠିକି ଆସି ନାଚ କରୁଛନ୍ତି ସେ ସ୍ଥାନଟି ମୁଁ ତୁମକୁ ଦେଖାଇ ଦେବି ।"

ସ୍ୱାର୍ଥକର ମୁହଁରୁ ଏତିକି କଥା ସରିଛି କି ନାହିଁ ହଠାତ୍ ଏକ ଭୟଙ୍କର ଗର୍ଜନରେ ଆକାଶଟା ଅନ୍ଧକାର ହୋଇଗଲା । ଆକାଶରେ ଆଉ ତାରାଟିଏ ବି ଦିଶିଲା ନାହିଁ । ଘନ ଘନ ବିଜୁଳି ଆଉ ଘଡ଼ଘଡ଼ି ଭିତରେ ଶୂନ୍ୟବାଣୀ ଶୁଭିଲା, "ଅବିଶ୍ୱାସୀ ସ୍ୱାର୍ଥକ, ତୋତେ ସତର୍କ କରି ଦେଇଥିଲେ ବି ତୁ ତୋ କଥା ରଖି ପାରିଲୁ ନାହିଁ । ନେ, ଏବେ ତୁ ତୋ ଫଳ ଭୋଗ କର । ତୋ ଗୋଡ଼ ଦୁଇଟି ମାଟିରେ ବୁଡିଯାଉ । ହାତ ଦୁଇଟି ଛିଣ୍ଡି ଯାଉ । ତୁ ପଥର ହୋଇ ଯା ।"

ସତକୁ ସତ ଏହାପରେ ସ୍ୱାର୍ଥକର ଗୋଡ଼ ଦୁଇଟି ମାଟି ଭିତରେ ବୁଡିଗଲା । ତା ହାତ ଦୁଇଟି ଛିଣ୍ଡି ଗଲା ଓ ସେ ପଥର ପାଲଟି ଗଲା ।

ଏ ସବୁ ଦେଖି ଗାଁରୁ ଆସିଥିବା ବରଯାତ୍ରୀମାନେ ଭୟରେ ପଳାଇ ଗଲେ । ସତ୍ୟ ରକ୍ଷାକରି ପାରି ନ ଥିବାରୁ ସ୍ୱାର୍ଥକର ଏଭଳି ଦଶା ହେଲା ।

ସ୍ୱାର୍ଥକର ଶରୀର ଆଜି ବି ମରିଶସ ଦ୍ୱୀପରେ ଗୋଟିଏ ପାହାଡ଼ର ରୂପ ନେଇ ଛିଡ଼ା ହୋଇଛି । ଯାହାକୁ କି ଲୋକେ ଗୋଡ଼ହାତ ନ ଥିବା ମୁଣ୍ଡଭଙ୍ଗା ପାହାଡ଼ ବୋଲି କହୁଥାନ୍ତି ।

Digitized by srujanika@gmail.com

ଅଙ୍ଗୁଠା ପାହାଡ

ଦୁଇ ଜଣ ବ୍ୟବସାୟୀ ଥିଲେ । ଜଣକ ନାଁ ସୋନୁ ଓ ଅନ୍ୟ ଜଣକ ନାଁ ମାଲୁ । ଥରେ ଦୁହେଁ ଯାକ ଜାହାଜଟିରେ ମାଲମତା ବୋଝାଇ କରି ଦୂର ଦେଶକୁ ବାଣିଜ୍ୟ କରିବା ପାଇଁ ଗଲେ । ସେମାନଙ୍କ ସହିତ ବହୁ ନାବିକ ଥିଲେ । ସେମାନଙ୍କ ଜାହାଜ ମାସ ମାସ ଧରି ସମୁଦ୍ର ଭିତରେ ଚାଲିଲା । ତେବେ ଦିନେ ରାତିରେ ସମୁଦ୍ର ଭିତରେ ଝଡ଼ ହେଲା । ଝଡ଼ରେ ସେମାନଙ୍କର ଜାହାଜ ବୁଡ଼ିଗଲା । ନାବିକ-ମାନେ ସମସ୍ତେ ବୁଡ଼ିମଲେ । ସୋନୁ ଓ ମାଲୁ କିନ୍ତୁ ଜାହାଜର ଖଣ୍ଡିଏ ମସ୍ତବଡ କାଠ ଫାଳିଆ ଉପରେ ବସି ଭାସିବାକୁ ଲାଗିଲେ । ରାତିସାରା ସେମାନେ ବଡ଼ କଷ୍ଟ ଭୋଗିଲେ ।

ତାପର ଦିନ ଯେତେବେଳେ ସକାଳ ହେଲା ସୋନୁ ଓ ମାଲୁ କାଠ ଫାଳିଆ ଉପରେ ବସି ଦେଖିଲେ ପାଖରେ କୌଣସି ସ୍ଥଳ ଭାଗ ନାହିଁ । ସେତେ-ବେଳେ ଭୋକ ଉପାସରେ ସେମାନଙ୍କ ପେଟ ଆଉଟୁ ପାଉଟୁ ହେଉଥାଏ । ହେଲେ ସମୁଦ୍ର ଭିତରେ ସେମାନଙ୍କୁ ଖାଇବାକୁ ଦେବ କିଏ ? ତେଣୁ ଦୁହେଁ ଯାକ ଭୋ ଭୋ ହୋଇ କାନ୍ଦି ଉଠିଲେ । ସେମାନଙ୍କ କାନ୍ଦ ଶୁଣି ଜଳ ପରୀଟିଏ ସମୁଦ୍ର ଭିତରୁ ବାହାରିପଡ଼ି ପଚାରିଲା—"ତୁମର କ'ଣ ହୋଇଛି ? ତୁମେ କାନ୍ଦୁଛ କାହିଁକି ?"

ସୋନୁ ଓ ମାଲୁ କାନ୍ଦି କାନ୍ଦି ସେମାନଙ୍କ ଦୁଃଖର କାହାଣୀ ଶୁଣାଇଲେ । ସେମାନଙ୍କ ଦୁଃଖ ଶୁଣି ଜଳପରୀର ମନରେ ଦୟା ହେଲା । ସେ ଦୁଇ ଜଣଙ୍କୁ ଗୋଟିଏ ଗାମୁଛା, ଗୋଟିଏ ମୁଦି ଓ ଗୋଟିଏ ଲମ୍ବା ବାଳ ଦେଇ କହିଲା—"ଦେଖ, ଏ ଯେଉଁ ଗାମୁଛାଟିଏ ଦେଲି ତା ଉପରେ ବସି ତୁମେ ଯେଉଁଠିକି ଯିବା ପାଇଁ ଇଚ୍ଛା କରିବ, ସେ ତୁମକୁ ସେଇଠି ପହଞ୍ଚାଇ ଦେବ । ମୁଦିଟା ଧରି ତୁମେ ଯେଉଁ ଜିନିଷ ଖାଇବାକୁ ଇଚ୍ଛା କରିବ ସେହି ଜିନିଷ ଆସି ତୁମ ପାଖରେ ପହଞ୍ଚିବ ଏବଂ ବାଳଟାକୁ ଧରି ଯଦି ସମୁଦ୍ର ଆଡ଼େ ମୁହଁ କରି ମୋତେ ମନେ ପକାଇବ ତେବେ ମୁଁ ତୁମ ପାଖରେ ପହଞ୍ଚି ତୁମର ଦୁଃଖ ବୁଝିବ ।"

ଜଳପରୀ ପାଖରୁ ଏସବୁ ଜିନିଷ ସୋନୁ ଓ ମାଲୁ ରଖିଲେ । ସେମାନଙ୍କ ମନ ଆନନ୍ଦରେ ପୂରିଗଲା । ଜଳପରୀଟି ଯେତେବେଳେ ପାଣି ଭିତରେ ଟୁବ୍ କିନା ବୁଡ଼ି-ଗଲା । ସେ ଆଉ ଦେଖାଗଲା ନାହିଁ ।

Digitized by srujanika@gmail.com

ଯୋନ୍ଦୁଁ ଓ ମାଲୁ ସମୁଦ୍ର ଭିତରେ ଭାସୁଥିବା କାଠ ଫାଳିଆ ଉପରେ ଗାମୁଛିଟି ବିଛାଇ ଦେଇ ବସିପଡ଼ିଲେ ଓ କହିଲେ—"ଗାମୁଛାରେ ଗାମୁଛା, ତୁ ଆମକୁ କୌଣସି ଗୋଟିଏ ଦ୍ୱୀପକୁ ନେଇଯା ।"

ଦୁହିଁଙ୍କ ମୁହଁରୁ କଥା ସରିଛିକି ନାହିଁ ଗାମୁଛିଟି ଆକାଶରେ ଉଡ଼ିବାକୁ ଲାଗିଲା । ସେ ଏତେ ଜୋରରେ ଉଡ଼ିଲା ଯେ ପବନଗୁଡ଼ିକ ଦୁହିଁଙ୍କ ଦେହରେ ପିଟି-ହୋଇ ଯାଉଥାଏ । କିଛି ବାଟ ଗଲା ପରେ ଯୋନ୍ଦୁଁ ଓ ମାଲୁ ଦ୍ୱୀପଟିଏ ଦେଖି ଖୁସି ହୋଇଗଲେ । ଗାମୁଛିଟି ଧୀରେ ଧୀରେ ଆକାଶରୁ ତଳକୁ ଖସିଲା । ସେମାନେ ଦ୍ୱୀପରେ ଓହ୍ଲାଇ ଚାରିଆଡ଼େ ବୁଲିଲେ । ଦ୍ୱୀପଟି ବଣ ପାହାଡ଼ରେ ପୂରିରହିଥିଲା । ହେଲେ ଆଶ୍ଚର୍ଯ୍ୟର କଥା ଏତେ ବଡ଼ ଦ୍ୱୀପଟାରେ ପଶୁ ପକ୍ଷୀ ମଣିଷ ଆଦି କେହି ନ ଥିଲେ ।

କିଛି ସମୟ ପରେ ସେ ଦୁହିଙ୍କୁ ବଡ଼ ଭୋକ ହେଲା । କ'ଣ କରିବେ ? ନିଜ୍ଜନ ଦ୍ୱୀପରେ ତାଙ୍କୁ ଖାଇବାକୁ ଦେବ କିଏ ? ଠିକ୍ ଏତିକି ବେଳେ ଯୋନ୍ଦୁଁର ଜଳପରୀ ଦେଇଥିବା ମୁଦି କଥା ମନେ ପଡ଼ିଗଲା । ସେ ସଙ୍ଗେ ସଙ୍ଗେ ମାଲୁକୁ କହିଲା—"ଆରେ, ଚିନ୍ତା କ'ଣ । ମୁଦିଟି ପରା ହାତ ମୁଠାରେ ଅଛି । ତେଣୁ ଯାହା ଖାଇବାକୁ ଇଚ୍ଛା ମାଗିଲାକ୍ଷଣି ମିଳିଯିବ ।"

ତା'ପରେ ସେ ଦୁହେଁ କହିଲେ—

"ମୁଦରେ ମୁଦ
ଭୋକରେ ପେଟ ହେଲା ଅଧିକି,
ଖାଇବାକୁ ଦେ
ଭାତ ଡାଲି ଚଣା ଚଚ୍ଚଡ଼ି ।"

ସେମାନଙ୍କ କଥା ନ ସରୁଣୁ ଭାତ ଡାଲି ଚଣା ଚଚ୍ଚଡ଼ି ଆଦି କେତେ ଜିନିଷ ସେମାନଙ୍କ ପାଖରେ ପହଞ୍ଚିଗଲା । ମନଭରି ସେମାନେ ଖାଇଲେ । ଖାଇ ସାରିଲା ପରେ ଶୋଷ ହେଲା । ତେଣୁ ଗାମୁଛା ଓ ମୁଦିଟିକୁ ସେଇଠି ସେମିତି ରଖିଦେଇ ସେମାନେ ପାଣି ପିଇବା ପାଇଁ ପାଖରେ ଥିବା ନଦୀକୁ ଚାଲିଗଲେ । ପାଣି ପିଇସାରି ସେମାନେ ଯେତେବେଳେ ଫେରି ଆସିଲେ, ଦେଖିଲେ ଗାମୁଛା ନାହିଁକି ମୁଦି ବି ନାହିଁ । ତେଣୁ ସେମାନେ ଭେ ଭେ ହୋଇ କାନ୍ଦି ଉଠିଲେ । ସଙ୍ଗେ ସଙ୍ଗେ

Digitized by srujanika@gmail.com

ସେମାନେ ଜଳପରୀ ଦେଇଥିବା ଲମ୍ବା ବାଳଟିକୁ କାଢ଼ି ସମୁଦ୍ର ଆଡ଼େ ମୁହଁ କଲେ ଓ ଜଳପରୀକୁ ଧ୍ୟାନ କଲେ ।

ମୁହୂର୍ତ୍ତକ ଭିତରେ ଜଳ ପରୀ ଆସି ସେମାନଙ୍କ ପାଖରେ ପହଞ୍ଚିଗଲା । ସେ ସେମାନଙ୍କୁ କହିଲା—"କଣ କିଛି ବିପଦ ପଡ଼ିଲାକି ? କେଉଁଥିପାଇଁ ମୋତେ ଡାକିଲ ?"

ଯୋନୁଁ ଓ ମାଲୁ କହିଲେ—"ଆପଣ ଦେଇଥିବା ମୁଦି ଓ ଗାମୁଛିଟିକୁ ନଈ କୂଳରେ ରଖି ଆମେ ପାଣି ପିଇବାକୁ ଯାଇଥିଲୁ କିନ୍ତୁ ପାଣି ପିଇ ଫେରିଲାବେଳେ ଦେଖିଲୁଁ ଯେ ସେ ଦୁଇଟି କୂଳରେ ନାହିଁ । ଆମେ ଏବେ ନିଜ ଦେଶକୁ ଫେରିବୁଁ କିପରି ?"

ଜଳପରୀ ପାଖରେ ଥିବା ଗୋଟିଏ ପାହାଡ଼ ଆଡ଼କୁ ହାତ ବଢ଼ାଇ ସେମାନଙ୍କୁ କହିଲା—"ଏ ଯେଉଁ ପାହାଡ଼ଟି ଦେଖୁଛ ସେଠିକି ଯାଅ । ସେଠି ଗୋଟିଏ ପରୀକୁ ଭେଟିବ । ତାକୁ ମୁଁ ଦେଇଥିବା ବାଳଟିକୁ ଦେଇ ଦୁଃଖ ଜଣାଇବ । ସେ ତୁମର ସବୁ ସୁବିଧା କରିଦେବ ।"

ଏତିକି କହି ଜଳପରୀଟି ଉଭେଇ ଗଲା । ଯୋନୁଁ ଓ ମାଲୁ ଜଳପରୀ କହିଥିବା ପାହାଡ଼ ଆଡ଼କୁ ଗଲେ । ପାହାଡ଼ରେ ପହଞ୍ଚି ହଠାତ୍ ସେମାନେ ଅତି ସୁନ୍ଦରୀ ପରୀଟିଏ ଦେଖିଲେ । ପରୀକୁ ସେମାନେ ଜଳପରୀ ଦେଇଥିବା ବାଳଟିକୁ ଦେଇ ଦୁଃଖ ଜଣାଇଲେ ।

ପରୀଟି କହିଲା—"ମୁଁ ଏବେ ତୁମକୁ ଗୋଟିଏ ଲେଖାଏଁ ବର ଦେବି । ତୁମ ଇଚ୍ଛା ଅନୁଯାୟୀ ମାଗ ।"

ବର ଦେବା କଥା ଶୁଣି ଯୋନୁଁ ଓ ମାଲୁ ଚିନ୍ତାରେ ପଡ଼ିଗଲେ । କ'ଣ ସେମାନେ ମାଗିବେ କିଛି ଭାବି ପାରିଲେ ନାହିଁ । ଏତିକିବେଳେ ଯୋନୁଁର ଘର କଥା ମନେ ପଡ଼ିଗଲା । ବହୁ ଦିନ ହେଲା ସେ ତା ପୁଅ ଝିଅ ସ୍ତ୍ରୀ ଆଦିଙ୍କୁ ଘରେ ଛାଡ଼ି ଆସିଥିଲା । ସେମାନେ କିପରି ଚଳୁଥିବେ ଏଇ ଚିନ୍ତା ତା ମୁଣ୍ଡରେ ଘାରିଲା । ସେ ପରୀକୁ କହିଲା—"ଆପଣ ଯଦି ବର ଦେବାକୁ ଇଚ୍ଛା କରୁଥାନ୍ତି ତେବେ ଅତି ଶୀଘ୍ର ମୋତେ ମୋ ଘରେ ପହଞ୍ଚାଇ ଦିଅନ୍ତୁ ।"

ତା କଥା ଶୁଣି ପରୀ କହିଲା—"ସମୁଦ୍ର ଆଡ଼େ ମୁହଁ କରି ତୁମ ଘର କଥା ମନେ ପକାଅ ।"

Digitized by srujanika@gmail.com

ଯୋଲୁଁ ସଙ୍ଗେ ସଙ୍ଗେ ସମୁଦ୍ର ଆଡ଼େ ମୁହଁ କରି ତା ଘର କଥା ମନେ ପକା-ଇଲା । ଠିକ୍ ଏତିକବେଳେ ପକ୍ଷୀଟି ଯୋଲୁଁର ପିଠିରେ ଅତି ଧୀରେ ହାତ ଅପୁଡ଼ାଇ ଦେଲା । ଦେଖୁଁ ଦେଖୁଁ ଯୋଲୁଁ ଅତି ବେଗରେ ଉଡ଼ିବାକୁ ଲାଗିଲା । ଉଡ଼ି ଉଡ଼ି ସେ ଆଉ ଦେଖାଗଲା ନାହିଁ । ସେ ତା ଗାଁରେ ଯାଇ ପହଞ୍ଚିଗଲା ।

ଏବେ ମାଲୁର ବର ମାଗିବା ପାଳି ପଡ଼ିଲା । ସେ କ'ଣ ମାଗିବ ଚିନ୍ତାରେ ପଡ଼ିଗଲା । ତେବେ ଅତି ସୁନ୍ଦରୀ ପକ୍ଷୀଟିର ମୁହଁ ଦେଖି ସେ ତା ସ୍ତ୍ରୀ ପୁଅ ଝିଅ ଆଦି ସମସ୍ତଙ୍କ କଥା ଭୁଲିଗଲା । ପକ୍ଷୀକୁ ବାହାହେବା ପାଇଁ ତାର ଖୁବ ମନ ହେଲା । ତେଣୁ ସେ ପକ୍ଷୀକୁ କହିଲା—"ମୁଁ ଆପଣଙ୍କୁ ବିବାହ କରି ସାରା ଜୀବନ ଆପଣଙ୍କ ପାଖରେ ବିତାଇ ଦେବା ପାଇଁ ଇଚ୍ଛା କରୁଛି ।"

ମାଲୁର କଥା ଶୁଣି ପକ୍ଷୀଟି ବଡ଼ ଅଡୁଆରେ ପଡ଼ିଗଲା । ସେ କହିଲା—"ଦେଖ ମାଲୁ, ପ୍ରଥମଥର ପାଇଁ ମୁଁ ତୁମକୁ କ୍ଷମା କରିଦେଲି । ତୁମେ ଏ ବର ନ ମାଗି ଆଉ କିଛି ମାଗ ।"

ମାଲୁ କିନ୍ତୁ ଏକଜିଦିଆ ଲୋକ । ସେ ଦ୍ୱିତୀୟଥର ପୁଣି ପକ୍ଷୀକୁ ବାହା-ହେବା ପାଇଁ ବର ମାଗିଲା ।

ପକ୍ଷୀଟି କହିଲା—"ମାଲୁ, ଦ୍ୱିତୀୟଥର ପାଇଁ ତୁମକୁ କ୍ଷମା କରିଦେଲି । ତେବେ ଶେଷଥର ପାଇଁ ତୁମକୁ ସମୟ ଦେଲି । ଏଥର ଯେପରି ଆଗଭଳି ତୁମେ ଭୁଲ ନ କର । ଯଦି ସେପରି କର ତେବେ ତୁମର ଅମଙ୍ଗଳ ହେବ ।"

ମାଲୁ କିନ୍ତୁ ତା କଥାରେ ଅଟଳ ରହିଲା । ତୃତୀୟ ଥର ସେ ମୁହଁରେ କିଛି କହିବା ପାଇଁ ସାହସ କଲା ନାହିଁ । କେବଳ ତା ଡାହାଣ ହାତର ବୁଢ଼ା ଆଙ୍ଗୁଠି ଦେଖାଇ ପକ୍ଷୀକୁ ନିଜର ମନଭାବ ଜଣାଇଲା । ଡାହାଣ ହାତର ବୁଢ଼ା ଆଙ୍ଗୁଠି ଦେଖା-ଇବା ଅର୍ଥ ବାହା ହେବା ପାଇଁ ମନ ବଳାଇବା ।

ପକ୍ଷୀଟି ଏଥର ମାଲୁର ମନଭାବ ବୁଝିପାରିଲା । ତା ମୁହଁ ରାଗରେ ନାଲି ହୋଇଗଲା । ସେ ସଙ୍ଗେ ସଙ୍ଗେ ମାଲୁକୁ କହିଲା—"ମାଲୁ, କୌଣସି ଗୋଟିଏ ଜଙ୍ଗଲ ଆଡ଼େ ମୁହଁ କରି ଜଙ୍ଗଲକୁ ମନେ ମନେ ସ୍ମରଣ କର ।"

ପକ୍ଷୀର କଥା ଅନୁଯାୟୀ ମାଲୁ ଗୋଟିଏ ଜଙ୍ଗଲଆଡ଼େ ମୁହଁ କରି ଛିଡ଼ା-ହେଲା ଓ ମନେ ମନେ ଜଙ୍ଗଲକୁ ସ୍ମରଣ କଲା ।

Digitized by srujanika@gmail.com

ଠିକ୍ ଏତିକିବେଳେ ପକ୍ଷୀଟି ତା ମୁଣ୍ଡରେ ଖୁବ୍ ଜୋରରେ ବଧାଟିଏ ମାରିଲା । ବଧା ଖାଇ ସାରିଲା ପରେ ମାଲୁର ଗୋଡ଼ ଓ ଦେହ ଆଦ୍ଧ ଧୀରେ ଧୀରେ ମାଟି ଭିତରେ ଗଳିଯିବାକୁ ବସିଲା । ତଥାପି ସେ ହସୁଥାଏ । ଭାବୁଥାଏ, ପକ୍ଷୀ ବୋଧ-ହୁଏ ତାକୁ ବାହା ହେବା ପାଇଁ ଏ ସବୁ କରୁଛି ।

ତେବେ ଦେଖୁଁ ଦେଖୁଁ ତା ମୁଣ୍ଡ ଓ ହାତ ମଧ୍ୟ ମାଟି ଭିତରେ ଗଳିଗଲା । ସୋନୁଁ ଆଉ କାଳ ବିଳମ୍ବ ନ କରି ମାଟି ଉପରକୁ ତା ଡାହାଣ ହାତର ବୁଢ଼ା ଆଙ୍ଗୁଠିକୁ ଟେକି ଦେଖାଇଲା । ପକ୍ଷୀଟି ସୋନୁଁର ବୁଢ଼ା ଆଙ୍ଗୁଠିକୁ ଛୁଇଁ ଦେଲା । ସେ ଛୁଇଁ ଦେବାରୁ ବୁଢ଼ା ଆଙ୍ଗୁଠିର ଗତି ବନ୍ଦ ହୋଇଗଲା ଓ ତାହା ପଥର ପାଲଟି ଗଲା ।

ପକ୍ଷୀଟି ଏବେ କହିଲା—"ହଇରେ ମାଲୁ, ଏଥର ଦୁନିଆଁ ସାକର ଲୋକଙ୍କୁ ତୋ ଡାହାଣ ହାତର ବୁଢ଼ା ଆଙ୍ଗୁଠି ଦେଖାଇ ଦୁଃଖ ଗୁହାରୁଥା । ମୁଁ ଚାଲିଲି ।"

ତାପର ପକ୍ଷୀଟି ଉଡ଼େଇ ଗଲା ।

ମରିଶସ ଦ୍ୱୀପରେ ଆଜି ମଧ୍ୟ ବୁଢ଼ା ଆଙ୍ଗୁଠି ଆକୃତିର ପାହାଡ଼ଟିଏ ଦେଖିବାକୁ ମିଳେ । ଲୋକେ ଏହାକୁ 'ଅଙ୍ଗୁଠା ପାହାଡ଼' ବୋଲି କହୁଥାନ୍ତି ।

—*—

Digitized by srujanika@gmail.com

ସ୍ୱପ୍ନ ସତହେଲା

ବହୁ ବର୍ଷର ତଳର କଥା । କୌଣସି ଗୋଟିଏ ଗାଁରେ ଜଣେ ଜମିଦାର ରହୁଥିଲେ । ଜମିଦାରଙ୍କ ତିନି ପୁଅ ! ସବା ବଡ଼ ପୁଅ ବ୍ୟବସାୟ ବାଣିଜ୍ୟ କରୁଥିଲା । ମଝିଆଁ ପୁଅର ଶିକାର କରିବାରେ ବଡ଼ ସଉକ । ସେ ତା ସାଙ୍ଗମାନଙ୍କ ସହିତ ବଣ ପାହାଡ଼ରେ ବୁଲି ହରିଣ ସମ୍ବର ଆଦି ଜୀବଜନ୍ତୁ ମାରି ଆଣୁଥିଲା । ଦିନଗୁଡ଼ିକ ତାର ମଉଜରେ କଟୁଥିଲା । ସାନପୁଅଟି ଅତି ଅଳ୍ପ ବୟସର । ତେଣୁ ସେ କିଛି କାମ କରୁ ନ ଥିଲା ।

କିଛି ବର୍ଷ ପରେ ଜମିଦାର ବହୁତ ବୁଢ଼ା ହୋଇଗଲେ । ଦିନେ ସେ ତିନି ପୁଅଙ୍କୁ ଡାକି ତାଙ୍କ ସମ୍ପତ୍ତି ବାଣ୍ଟି ଦେଲେ ଓ ଏହାର କିଛି ଦିନ ପରେ ସେ ସବୁଦିନ ପାଇଁ ଆଖି ବୁଜିଲେ ।

ଜମିଦାର ମରିଯିବାରୁ ତିନି ପୁଅଯାକ ବହୁତ କାନ୍ଦିଲେ । ସେମାନେ ଜମିଦାରଙ୍କୁ ନେଇ କବର ଦେଲେ । ତାଙ୍କର ଶ୍ରାଦ୍ଧ ଆଦି କାମ ଶେଷ କଲେ ।

ଏବେ ତିନି ଭାଇ ନିଷ୍ପତ୍ତି କଲେ ଯେ, ବାପା ବାଣ୍ଟି ଦେଇଥିବା ଜମି-ଗୁଡ଼ିକରେ ସେମାନେ ଚାଷ କରିବେ । ତେବେ ବଡ଼ଭାଇର ମନଟା ବଡ଼ ଦୁଃଖି ଥିଲା । କାହିଁକିନା ତା ଭାଗରେ କେବଳ ପଥୁରିଆ ଜମି ପଡ଼ିଥିଲା । ସବା ସାନ ଭାଇର ଭାଗରେ ମଧ୍ୟ ଅନୁର୍ବର ଜମି ପଡ଼ିବାରୁ ସେ ବି ଦୁଃଖ କଲା । କିନ୍ତୁ ମଝିଆଁ ଭାଇ ଭାଗରେ ଯେଉଁ ଜମିତକ ପଡିଲା ତାହା ଦୋରସା ଜମି, ଚାଷ କରିବା ପାଇଁ ଭାରି ଭଲ ।

ଭଲ ଜମି ମିଳି ନ ଥିବାରୁ ସବାସାନ ଓ ବଡ଼ ଭାଇ ଚିନ୍ତାରେ ପଡ଼ିଗଲେ । ବଡ଼ ଭାଇ ନିଷ୍ପତ୍ତି କଲା କି, ସେ ତା ଜମିରେ କୂଅ ଖୋଳି କୂଅ ପାଣିରେ ଚାଷ କରିବ । କିନ୍ତୁ ମଝିଆଁ ଭାଇ ତାକୁ କହିଲା—"କୂଅ ଖୋଳିବା କାହିଁକି ? ପାଖ ଜଙ୍ଗଲରେ ଗୋଟିଏ ମସ୍ତବଡ଼ ପୁଷ୍କରିଣୀ ଅଛି । କେନାଲ ଖୋଳି ଦେଲେ ସେ ପୁଷ୍କରିଣୀରୁ ଆମେ ପାଣି ଆଣିପାରିବା ତେବେ ତିନି ଭାଇଙ୍କର ଲାଭ ହେବ ।"

Digitized by srujanika@gmail.com

ମହିଆଁ ଭାଇର କଥାରେ ବଡ଼ ଓ ସବାସାନ ଭାଇ ରାଜି ହୋଇଗଲେ । ତା ପରଦିନ ତିନି ଭାଇ ଶ୍ରମିକମାନଙ୍କୁ ସାଙ୍ଗରେ ନେଇ ପୁଷ୍କରିଣୀ ଦେଖିବା ପାଇଁ ଗଲେ ।

ଜଙ୍ଗଲ ଭିତରେ ଅତି ସୁନ୍ଦର ପୁଷ୍କରିଣୀଟିଏ ଦେଖି ସମସ୍ତେ ଖୁସି ହୋଇ-ଗଲେ । ସାନ ଭାଇ କହିଲା—"ଆଉ ବିଳମ୍ବ କାହିଁକି ? ଆଜି ଜମିକୁ ଫେରିଯାଇ କେନାଲ ଖୋଳିବା କାମ ଆରମ୍ଭ କରିଦେବା ।"

ସେ ସମସ୍ତେ ତା କଥାରେ ରାଜି ହୋଇଗଲେ । ସେମାନେ ବାଡ଼ିକୁ ଫେରି-ଯାଇ କେନାଲ ଖୋଳିବା କାମ ଆରମ୍ଭ କରିଦେଲେ । ଯେଉଁ ଦିନ କେନାଲ ଖୋଳିବା କାମ ଆରମ୍ଭ ହେଲା ସେ ଦିନ ରାତିରେ ସାନ ଭାଇ ଅଦ୍ଭୁତ ସ୍ୱପ୍ନଟିଏ ଦେଖିଲା । ପୁଷ୍କରିଣୀରେ ଅତି ସୁନ୍ଦରୀ ପରୀମାନେ ଆସି ନୃତ୍ୟ କରୁଛନ୍ତି । ସେ ଭିତରେ ଥିବା ପରୀମାନଙ୍କ ରାଣୀ ତାକୁ କହିଲେ—ଖବରଦାର, ବୁଦ୍ଧିବିଗୁଣ କାମ-କର । ଆମେ ପରୀମାନେ ଏ ପୁଷ୍କରିଣୀରେ ରହୁଛୁଁ । ଯଦି କେହି କେନାଲ ଖୋଳି ଏ ପୁଷ୍କରିଣୀରୁ ପାଣି ନେବାପାଇଁ ଚେଷ୍ଟାକରେ ତେବେ ତାର ହାତ ଦୁଇଟି କଟିଯିବ ।

ପରୀରାଣୀର କଥା ସରିଛି କି ନାହିଁ ସାନ ଭାଇର ନିଦ ଚିଉଁକିନା ଭାଙ୍ଗିଗଲା । ସେ ସଙ୍ଗେ ସଙ୍ଗେ ବଡ଼ଭାଇକୁ ସ୍ୱପ୍ନ କଥା କହିଲା । ଏଠି କେନାଲ ଖୋଳିବା କାମ ବନ୍ଦ କରିଦେବା ପାଇଁ ଅନୁରୋଧ କଲା । କିନ୍ତୁ ମହିଆଁ ଭାଇ ତା ଉପରେ ରାଗିଯାଇ କହିଲା—"ସ୍ୱପ୍ନ କଣ କେବେ ସତ ହୁଏ ? କେନାଲ ଖୋଳା କାମ ବନ୍ଦ ହେବନାହିଁ ।"

ତା ପରଦିନ ବଡ ଭାଇ ଶ୍ରମିକମାନଙ୍କ ସହିତ କେନାଲ ଖୋଳିଲା । କିନ୍ତୁ ସାନ ଭାଇ ସେମାନଙ୍କୁ ସହଯୋଗ କଲାନାହିଁ । କିଛି ସମୟ ଯାଇଛି କି ନାହିଁ ସତକୁ ସତ ବଡ଼ଭାଇର ହାତ ଦୁଇଟି କଟିଗଲା । ଏଥର ମହିଆଁ ଭାଇ ସବା ସାନ ଭାଇ ଉପରେ ଆହୁରି ରାଗିଗଲା । ସେ କହିଲା—"ତୋ ପାଇଁ ବଡ଼ ଭାଇର ହାତ କଟିଗଲା । ଯଦି କାମ କରିବା ପାଇଁ ତୁ ଏଡ଼େ ଅଳସୁଆ, ତେବେ ଘରକୁ ଯା । ଏଠି ରହୁଛୁ କାହିଁକି ?"

ବିଚରା ସାନ ଭାଇ ଆଉ କଣ କରିବ । ହାତ କଟି ଯାଇଥିବା ବଡ ଭାଇକୁ ସାଙ୍ଗରେ ନେଇ ସେ ଘରକୁ ଫେରିଲା ।

Digitized by srujanika@gmail.com

ଏଣେ ମହିଆଁ ଭାଇର ରାଗ କମିଲା ନାହିଁ । ସେ ମନେ ମନେ ଭାବିଲା, ସତରେ ଯଦି ପରୀମାନେ ଏ ପୁଷ୍କରଣୀରେ ରହୁଥିବେ ତେବେ ସେ ସେମାନଙ୍କୁ ଛାଡ଼ିବ ନାହିଁ । ତେଣୁ ସେ ବନ୍ଧୁକଟିଏ ଧରି ତାର ଅନ୍ୟ ସାଥୀମାନଙ୍କ ସହିତ ବଣକୁ ଗଲା । ସେମାନେ ବଣରେ ଥିବା ପୁଷ୍କରଣୀର ଯେତେ ନିକଟରେ ପହଞ୍ଚୁଥାନ୍ତି ସେମାନଙ୍କୁ ପରୀମାନଙ୍କ ଖିଲ ଖିଲ ହସ ଶୁଭୁଥାଏ । ଶେଷରେ ସେମାନେ ପୁଷ୍କରଣୀ କୂଳରେ ପହଞ୍ଚିଲେ । ସେଠିଥିବା ଗୋଟିଏ ଝଙ୍କା ଗଛର ଉହାଡ଼ରେ ଲୁଚିରହି ପରୀମାନଙ୍କୁ ଦେଖିଲେ ।

ସେତେବେଳେ ଦିନ ଦ୍ୱିପ୍ରହର । ପରୀମାନେ ବଡ଼ ଆନନ୍ଦରେ ପୁଷ୍କରଣୀ ଭିତରେ ପହଁରୁଥାନ୍ତି । କିଛି ସମୟ ପରେ ସେମାନେ ଗାଧୁଆପାଧୁଆ ସାରି ପୁଷ୍କରଣୀ ମଝିରେ ଥିବା ପଥର ଚଟାଣକୁ ଗଲେ । କେହି କେହି ସେମାନଙ୍କ ଲମ୍ବା ବାଳ ଗୁଡ଼ିକ ଝାଡ଼ିଝୁଡ଼ି ଶୁଖାଇଲେ । ତାପରେ ପୁଷ୍କରଣୀ ଭିତରେ ଫୁଟିଥିବା କେତେ ରଙ୍ଗର ପଦ୍ମ ଫୁଲ ଆଣି ସେମାନେ ନିଜ ଗଳାରେ ଓ ମୁଣ୍ଡ ବାଳରେ ଲଗାଲେ । ଦେହଟାସାରା ପଦ୍ମଫୁଲରେ ସଜାଇ ଭାରି ସୁନ୍ଦର ଦେଖା ଗଲେ ।

ଏ ସବୁ ଦେଖି ମହିଆଁ ଭାଇ ମନରେ କୁତୂହଳ ଜାତ ହେଉଥାଏ । କିନ୍ତୁ ହାତରେ ବନ୍ଧୁକ ଥାଇ ମଧ୍ୟ ସେମାନଙ୍କ ପାଖକୁ ଯିବାପାଇଁ ତାର ମୋଟେ ସାହସ ହେଉ ନ ଥାଏ । ଏହି ସମୟରେ ଯଦି ବନ୍ଧୁକରୁ ଗୁଳିଟିଏ ଛାଡ଼ି ଦିଆଯାଏ ତେବେ ପରୀମାନେ କ'ଣ କରିବେ ଏହା ଜାଣିବା ପାଇଁ ସେ ଆକାଶକୁ ଗୁଳି କଲା । ଗୁଳି ଶବ୍ଦ ଶୁଣି ପରୀମାନେ ପଥର ଚଟାଣ ଉପରୁ ପୁଷ୍କରଣୀର ପାଣି ଭିତରକୁ ଡେଇଁପଡ଼ିଲେ । କେହି ଆଉ ଦେଖାଗଲେ ନାହିଁ । ଠିକ୍ ଏତିକବେଳେ ଆକାଶଟା ଅନ୍ଧକାର ହୋଇଗଲା । ଘଡ଼ଘଡ଼ିଠୁଁ ବଳି ଏକ ଭୀଷଣ ଶବ୍ଦ ହେଲା ଏବଂ ଶୂନ୍ୟରୁ କିଏ ଜଣେ କହିଲା—"ବନ୍ଧୁକ ଯିଏ ଚଳାଇଛି ସେ ଅଚେତ ହୋଇଯିବ ଏବଂ ତା ସାଥୀମାନେ ଅନ୍ଧ ହୋଇଯିବେ ।"

ସତକୁ ସତ ମହିଆଁ ଭାଇ ଅଚେତ ହୋଇ ତଳେ ପଡ଼ିଗଲା । ବାକିତକ ତାର ସାଥୀମାନେ ଅନ୍ଧ ହୋଇଗଲେ । ସେମାନେ ମହିଆଁ ଭାଇକୁ ଧରି ବାଟ ଅଣ୍ଡାଳି ଅଣ୍ଡାଳି ଆସି ଘରେ ପହଞ୍ଚିଲେ ଏବଂ ପୁଷ୍କରଣୀରେ ଘଟିଥିବା ସମସ୍ତ କଥା ସାନଭାଇକୁ କହିଲେ ।

ମହିଆଁ ଭାଇକୁ ଅଚେତ ଅବସ୍ଥାରେ ଦେଖି ସାନଭାଇର ମନ ଦୁଃଖରେ ପୂରିଗଲା । ସେ ବୈଦ୍ୟ ଗୁଣିଆଁ ଡାକି ମହିଆଁ ଭାଇ ତଥା ଅନ୍ଧ ହୋଇ ଯାଇଥିବା

Digitized by srujanika@gmail.com

ଲୋକମାନଙ୍କର ଚିକିତ୍ସା କଲା । କିନ୍ତୁ କୌଣସିମତେ ସେମାନେ ଭଲ ହେଲେନାହିଁ ।

ଆଉ ଦିନେ ରାତିରେ ସେ ପରୀମାନଙ୍କ ରାଣୀକୁ ସ୍ୱପ୍ନରେ ଭେଟିଲା । ପରୀରାଣୀ ତାକୁ ପରଦିନ ଦ୍ୱିପ୍ରହର ସମୟରେ ପୁଷ୍କରିଣୀ ଆଡ଼କୁ ଆସିବା ପାଇଁ କହିଲା ।

ସାନଭାଇର ନିଦ ଚଟ୍‌କିନା ଭାଙ୍ଗିଗଲା । ସେତେବେଳେ ପାହାନ୍ତା ପହର ହୋଇଥାଏ । ସେ ଆଉ ଶୋଇଲା ନାହିଁ କି ସ୍ୱପ୍ନ କଥା କାହାକୁ କହିଲା ନାହିଁ । ସକାଳ ଯେମିତି ହେଲା ସେ ପୁଷ୍କରିଣୀକୁ ବାହାରିଲା । ଠିକ୍ ଦ୍ୱିପ୍ରହର ସମୟରେ ସେ ପୁଷ୍କରିଣୀ କୂଳରେ ପହଞ୍ଚି ଦେଖିଲା, ପରୀମାନେ ପାଣିରେ ଗାଧୋଉଛନ୍ତି । ଗାଧୋଇ ସାରିଲା ପରେ ସେମାନେ ପୁଷ୍କରିଣୀ ମଝିରେ ଥିବା ପଥର ଚଟାଣ ଉପରକୁ ଯାଇ ତାଙ୍କ ଲମ୍ବା ବାଳଗୁଡ଼ିକୁ ଶୁଖାଇଲେ । ପୁଷ୍କରିଣୀରୁ ପଦ୍ମ ଫୁଲ-ଗୁଡ଼ିକ ତୋଳି ସେମାନେ ବେକରେ ମୁଣ୍ଡରେ ଲଗାଇ ଭାରି ବଢ଼ିଆ ଦେଖାଗଲେ । ସେମାନଙ୍କ ନୃତ୍ୟ ଆରମ୍ଭ ହେଲା । ନୃତ୍ୟ ସରିଲା ପରେ ପୁଷ୍କରିଣୀରେ ବଡ଼ ବଡ଼ ଢେଉ ଉଠିଲା । ସେଇ ଢେଉ ଭିତରେକି ପରୀମାନେ ଜଣ ଜଣ ହୋଇ ଉଭେଇ ଗଲେ । କିନ୍ତୁ ସେମାନଙ୍କ ଭିତରେ ଥିବା ପରୀରାଣୀଟି ସିଧା ଯଳଖ ସାନ ଭାଇ ପାଖକୁ ଆସି ପଚାରିଲା—"ତୋ ମୁହଁଟା ଦୁଃଖରେ ମଉଳି ପଡ଼ିଛି କାହିଁକି ? କ'ଣ ତୁ ତୋ ଅନୁର୍ବର ଜମିକୁ ଉର୍ବର କରିବା ପାଇଁ ଚାହୁଁଛୁ ? ତୋ ମନରେ କି ଦୁଃଖ ରହିଛି ମୋତେ କହ ।"

ସାନ ଭାଇ କହିଲା—"ପରୀରାଣୀ, ମୋ ଭାଗରେ ପଡ଼ିଥିବା ଅନୁର୍ବର ଜମି ପାଇଁ ମୋର କୌଣସି ଚିନ୍ତା ନାହିଁ । ମୁଁ କେବଳ ମୋ ଭାଇମାନଙ୍କ ଦୁଃଖରେ ଭାଙ୍ଗି ପଡ଼ିଛି । ଆପଣ ସେମାନଙ୍କୁ କ୍ଷମା କରି ଦିଅନ୍ତୁ । ବଡ଼ ଭାଇକୁ ତାର ହାତ ଦୁଇଟି ଫେରାଇ ଦିଅନ୍ତୁ । ମଝିଆଁ ଭାଇର ଚେତା ଫେରିଆସୁ ଏବଂ ତା ସାଥୀମାନଙ୍କ ଆଖିକୁ ଦେଖାଯାଉ । ମୋର କେବଳ ଏତିକି ଗୁହାରି ।

ପରୀରାଣୀ ସାନ ଭାଇକୁ ତା ପଛେ ପଛେ ଆସିବା ପାଇଁ କହିଲା । ସାନ ଭାଇ ତା ପଛେ ପଛେ ଗଲା । ସେମାନେ ଯେତେବେଳେ ପାଣି ପାଖରେ ପହଞ୍ଚିଲେ ପାଣି ଭିତରେ ଗୋଟିଏ ସୁଡ଼ଙ୍ଗ ହୋଇଗଲା । ପରୀରାଣୀ ସହିତ ସାନଭାଇ ସୁଡ଼ଙ୍ଗ ବାଟ-ଦେଇ ଗଲା । ତା ଦେହରେ ପାଣି ଟୋପାଏ ବି ଲାଗିଲା ନାହିଁ ।

Digitized by srujanika@gmail.com

ସୁଡ଼ଙ୍ଗର ଶେଷ ଭାଗରେ ଅତି ସୁନ୍ଦର କୋଠା ଘରଟିଏ । ସେମାନେ ସେଇଠି ଯାଇ ପହଞ୍ଚିଲେ । ସେଠି କେତେ ସୁନ୍ଦରୀ ପରୀମାନେ ରହୁଥାନ୍ତି । ପରୀରାଣୀ ସହିତ ସାନଭାଇକୁ ଦେଖି ସେମାନେ ତାଙ୍କୁ ବହୁତ ଆଦର କଲେ, ଭଲ ଭଲ ଜିନିଷ ଖାଇବାକୁ ଦେଲେ । ସାନ ଭାଇ ସେ କୋଠାର ଚାରିଆଡ଼େ ଦେଖୁଥାଏ । କୋଠା ଘରଟିର ସବୁଆଡ଼େ ହୀରାନୀଳା ମୋତି ମାଣିକ୍ୟ ଆଦି ଝଞ୍ଜା ଯାଇଛି । ପରୀମାନେ ସେଇଠି ନାଚ କଲେ । ନାଚ ସରିଲା ପରେ ପରୀରାଣୀ ସାନ ଭାଇକୁ ଫୁଲଟିଏ ଫଳ-ଟିଏ ଓ ବଡ଼ଭାଇର ହାତ ଦୁଇଟି ଦେଇ କହିଲା—"ଏ ହାତ ଦୁଇଟି ବଡ଼ଭାଇର କାନ୍ଧରେ ଯୋଡ଼ିଦେବୁ, ଫଳଟିକୁ ମହିଁଆଁ ଭାଇକୁ ଖୁଆଇଦେବୁ ଓ ଫୁଲଟିକୁ ଅନ୍ଧ ହୋଇ ଯାଇଥିବା ଲୋକମାନଙ୍କୁ ସୁଙ୍ଘାଇଦେବୁ । ତାପରେ ସବୁ ଠିକ୍ ହୋଇଯିବ । ତୁ ଆଉ ଗୋଟିଏ କଥା, ବଡ଼ଭାଇକୁ କହିଦେବୁ ଯେ, ସେ ଆଉ କେବେ କେନାଲ ଖୋଳି ପୁଷ୍କରଣୀ ଭିତରୁ ପାଣି ନେବାକୁ ଚେଷ୍ଟା କରିବ ନାହିଁ । ମହିଁଆଁ ଭାଇ ପରୀମାନଙ୍କ ଆଡ଼କୁ ଆଉ ବନ୍ଧୁକ ମାରିବ ନାହିଁ ଏବଂ ତା ସାଥୀମାନେ କେବେ ବି ଲୁଚିକରି ପରୀମାନଙ୍କ ନୃତ୍ୟ ଦେଖିବେ ନାହିଁ ।"

ପରୀରାଣୀର କଥା ଶୁଣି ସାନଭାଇ କହିଲା—"ପରୀରାଣୀ ମୁଁ ସେମାନଙ୍କୁ ସାବଧାନ କରିଦେବି । ସେମାନେ ଆଉ ସେପରି କାମ କରିବେ ନାହିଁ ।"

ପରୀରାଣୀ ସାନଭାଇକୁ ବିଦାୟ ଦେଲା । ସାନ ଭାଇ ଯେଉଁ ସୁଡ଼ଙ୍ଗ ବାଟଦେଇ ଆସିଥିଲା । ସେହି ବାଟ ଦେଇ ପୁଷ୍କରିଣୀ ଉପରେ ଯେମିତି ପହଞ୍ଚିଛି ସୁଡ଼ଙ୍ଗଟିର ମୁହଁ ପୁଷ୍କରିଣୀ ଜଳରେ ମିଳାଇ ଗଲା ।

ସାନ ଭାଇ ଖୁସିରେ ଯାଇ ଘରେ ପହଞ୍ଚିଲା । ସାନଭାଇ ପାଖରେ ବଡ଼ଭାଇର ହାତ ଦୁଇଟି ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ । ସେ ହାତ ଦୁଇଟି ବଡ଼ ଭାଇର କାନ୍ଧ ପାଖରେ ଯେମିତି ଲଗାଇଛି ସଙ୍ଗେ ସଙ୍ଗେ ତାହା ଯୋଡ଼ି ହୋଇଗଲା । ଫଳଟିକୁ ସେ ମହିଁଆଁ ଭାଇକୁ ଖୁଆଇ ଦେଲା । ଜିଦରୁ ଉଠିଲା ଭଲ ମହିଁଆଁ ଭାଇ ଠେଙ୍ଗି ଉଠିଲା । ଅନ୍ଧ ହୋଇ ଯାଇଥିବା ଲୋକମାନଙ୍କୁ ଫୁଲଟିକୁ ସୁଙ୍ଘାଇ ଦେବାରୁ ସମସ୍ତଙ୍କ ଆଖିକୁ ଦେଖାଗଲା ।

Digitized by srujanika@gmail.com

ଏ ସବୁ ଦେଖି ସମସ୍ତେ ଖୁସି ହୋଇଗଲେ । ସେମାନେ ସାନଭାଇର ଭୂରି-ଭୂରି ପ୍ରଶଂସା କଲେ । ସାନଭାଇ ପରୀମାନଙ୍କ ପୁଷ୍କରଣୀ ଭିତରେ ଥିବା କୋଠା-ଘରକୁ ଯାଇ କପରି ଏସବୁ ଜିନିଷ ଆଣିଲା ଗୋଟି ଗୋଟି କରି ସମସ୍ତ କଥା କହିଲା । ପରୀରାଣୀର କହିବା ଅନୁଯାୟୀ ସମସ୍ତଙ୍କୁ ସେ ସାବଧାନ କରିଦେଇ କହିଲା—"ଦେଖ, ଆଜିଠାରୁ କେନାଲ ଖୋଳିବା କାମ ବନ୍ଦ ରହିବ । କେହି ଆଉ ପରୀ ପୁଷ୍କରଣୀକୁ ଯାଇ ପରୀମାନଙ୍କ ନୃତ୍ୟ ଦେଖିବ ନାହିଁ କି ସେମାନଙ୍କ ଆଡ଼କୁ ବନ୍ଧୁକ ମାରିବ ନାହିଁ ।"

ସାନଭାଇର କଥାରେ ସମସ୍ତେ ରାଜି ହେଲେ ।

Digitized by srujanika@gmail.com

ଠେକୁଆର ମୃତ୍ୟୁଦଣ୍ଡ

ଜଣେ ରାଜା ଥିଲେ । ସେ ବଡ଼ ଅପରିଷ୍କାର ରହୁଥିଲେ । ତାଙ୍କ ଦେହଟା-ସାରା ମଇଳା ଜମି ରହୁଥାଏ । ଏବଂ ଏଇଥିପାଇଁ ସେ ଦିନରାତି ତାଙ୍କ ଦେହହାତ କୁଣ୍ଡାଇବାରେ ଲାଗିଥାନ୍ତି । କ୍ରମେ ତାଙ୍କ ଦେହଟା କାଛୁକୁଣ୍ଡିଆରେ ଭରିଗଲା । ସେ କବିରାଜଙ୍କୁ ଡାକି କହିଲେ—"କବିରାଜେ, ଦେହଟାତମାମ୍ ମୋର କାଛୁକୁଣ୍ଡିଆରେ ଭର୍ତ୍ତି ହୋଇଗଲାଣି । କ'ଣ କଲେ ଭଲ ହେବ କୁହନ୍ତୁ ।"

କବିରାଜ କହିଲେ—"ଆପଣ ଟିକିଦିନ ଗୋଟିଏ ପରିଷ୍କାର ପୁଷ୍କରିଣୀରେ ଗାଧାନ୍ତୁ । ଦେଖିବେ ଆପଣ ଅତିଶୀଘ୍ର ସୁସ୍ଥ ହୋଇଯିବେ ।"

କବିରାଜଙ୍କ କଥା ଅନୁଯାୟୀ ରାଜା ଗୋଟିଏ ପରିଷ୍କାର ପୁଷ୍କରିଣୀ ଖୋଜିବା ପାଇଁ କର୍ମଚାରୀମାନଙ୍କୁ ଆଦେଶ ଦେଲେ । କର୍ମଚାରୀମାନଙ୍କୁ ପରିଷ୍କାର ପୁଷ୍କରିଣୀଟିଏ ଖୋଜିବା ପାଇଁ ବିଳମ୍ବ ହେଲାନାହିଁ । ରାଜଉଆସ ପାଖରେ ଥିବା ଜଙ୍ଗଲ ଭିତରେ ଛୋଟିଆ ପୁଷ୍କରିଣୀଟିଏ ଥିଲା । ତାହାର ଜଳ ଅତି ସ୍ୱଚ୍ଛ । ରାଜା ସେହି ପୁଷ୍କରିଣୀରେ ଗାଧୋଇବେ ବୋଲି ସ୍ଥିର କଲେ ।

ତାପର ଦିନ ଜଙ୍ଗଲ ଭିତରେ ଥିବା ପୁଷ୍କରିଣୀକୁ ଗାଧୋଇବା ପାଇଁ ରାଜା ଆସିଲେ । ସେତେବେଳେ କିନ୍ତୁ ପୁଷ୍କରିଣୀର ପାଣି ଗୋଳିଆ ହୋଇ ଯାଇଥିଲା । ସେ ନ ଗାଧୋଇ ଫେରି ଆସିଲେ ଏବଂ ପୁଷ୍କରିଣୀଟିକୁ ଜଗିବା ପାଇଁ ଜଗୁଆଳୀ ନିଯୁକ୍ତ କଲେ ।

ପ୍ରଥମ ଦିନ ଜଗୁଆଳୀମାନେ ପୁଷ୍କରିଣୀକୁ ଆସି ଜଗିଲେ । ସେମାନେ ମୋଟେ ଶୋଇଲେ ନାହିଁ । କାରଣ ତାଙ୍କ ଶୋଇବା ଭିତରେ କେହି ଆସି ଯଦି ପୁଷ୍କରିଣୀର ପାଣିକୁ ଗୋଳିଆ କରିଦିଏ ତେବେ ସକାଳେ ସେମାନଙ୍କ ମୁଣ୍ଡ ଗଣ୍ଡିରୁ ଅଲଗା ହୋଇଯିବ ।

ଧୀରେ ଧୀରେ ରାତି ବଢିବାକୁ ଲାଗିଲା । ଜଗୁଆଳୀମାନେ ଗଛବୁଦାଆଡ଼ୁ ଖସ୍ ଖସ୍ ଶବ୍ଦ କରି କ'ଣ ଗୋଟିଏ ଆସୁଥିବାର ଦେଖିଲେ । ତାପରେ ଧଳାରଙ୍ଗର

Digitized by srujanika@gmail.com

ଠେକୁଆଟିଏ ସେମାନଙ୍କ ପାଖକୁ ଆସି କହିଲା—"ଜଗୁଆଳୀ ଭାଇମାନେ, ତୁମ ସମସ୍ତଙ୍କ ପାଇଁ ବଣ ଭିତରୁ ଗୋଟିଏ ପ୍ରକାରର ମହୁ ସଂଗ୍ରହ କରି ନେଇଆସିଛି । ଖାଇଲ ଦେଖି କେମିତି ଲାଗୁଛି ।"

ଠେକୁଆଟି ସାଙ୍ଗରେ ନେଇ ଆସିଥିବା ମହୁ ସେମାନଙ୍କୁ ଦେଲା । ଜଗୁଆଳୀମାନେ ସେ ସବୁ ଖାଇଲେ । ମହୁଟା ବି ଏହା ଅଦ୍ଭୁତ ମିଠା ଲାଗୁଥାଏ । ତେବେ ମହୁରେ ଯେ ନିଶା ଧରିଲା ଭଳି କିଛି ଔଷଧ ମିଶା ହୋଇଥିଲା ଏ କଥା ସେମାନଙ୍କୁ ମୋଟେ ଜଣା ନ ଥିଲା । କିଛି ସମୟ ପରେ ସେମାନଙ୍କୁ ନିଶା ଘାରିଲା । ଜଗୁଆଳୀମାନେ ନିପୋଡ଼ ନିଦରେ ଶୋଇ ପଡ଼ିଲେ ।

ସେମାନଙ୍କ ଶୋଇବା ଦେଖି ଠେକୁଆ ଗୋଟିଏ ଲମ୍ବା ବାଉଁଶ ନେଇ ପୁଷ୍କରଣୀର ପାଣିକୁ ଗୋଳିଆ କରିଦେଲା । ଏସବୁ ଜଗୁଆଳୀମାନେ ମୋଟେ ଜାଣି-ପାରିଲେ ନାହିଁ । ତାପରେ ଯେତେବେଳେ ସକାଳ ହେଲା ରାଜା ପୁଷ୍କରଣୀକୁ ଗାଧୋଇବାକୁ ଆସି ଦେଖିଲେ, ଜଗୁଆଳୀମାନେ ନିପୋଡ଼ ନିଦରେ ଘୁଙ୍ଗୁଡ଼ି ମାରୁଛନ୍ତି । ପୁଷ୍କରଣୀର ପରିଷ୍କାର ପାଣି ଗୋଳିଆ ହୋଇଯାଇଛି ।

ଏହା ଦେଖି ରାଜା ରାଗିଗଲେ ଓ ଯେଉଁ ବାଉଁଶଟିରେ ଠେକୁଆ ପୁଷ୍କରଣୀର ପାଣିକୁ ଗୋଳିଆ କରି ଦେଇଥିଲା ସେହି ବାଉଁଶ ଖଣ୍ଡିକ ତଳୁ ଉଠାଇ ଜଗୁଆଳୀମାନଙ୍କୁ ଖୁବ୍ ପିଟିଲେ । ଜଗୁଆଳୀମାନଙ୍କ ନିଦ ଭାଙ୍ଗିଗଲା । ହାଉଳୁ ମାଉଳୁ ହୋଇ ପ୍ରାଣ ବିକଳରେ ସେମାନେ ଧାଇଁ ପଳାଇଲେ । ସେମାନଙ୍କର ଆଉ ଖୋଜଖବର ମିଳିଲା ନାହିଁ ।

ରାଜା ଉଆସକୁ ଫେରିଗଲେ । ଗାଧୋଇବା ବିନା ରାଜାଙ୍କ ଦେହ ହାତରେ କାଛୁକୁଣ୍ଡିଆ ଅଦ୍ଭୁତ ବଢିବାକୁ ଲାଗିଲା । ନୂଆ ଜଗୁଆଳୀ ନିଯୁକ୍ତି ଦେବାପାଇଁ ସେ ଢେଣ୍ଡୁରା ପିଟାଇଲେ । କିନ୍ତୁ ଜଣେ ବି ଲୋକ ଜଗୁଆଳୀ କାମ କରିବା ପାଇଁ ରାଜାଙ୍କ ପାଖରେ ଜୁଟିଲେ ନାହିଁ । ଶେଷରେ କଇଁଛଟିଏ ଆସି ରାଜାଙ୍କୁ କହିଲା—"ମହାରାଜ, ମୁଁ ଆପଣଙ୍କ ପୁଷ୍କରଣୀର ଜଗୁଆଳୀ ହେବାକୁ ଇଚ୍ଛା କରୁଛି ।"

କଇଁଛର କଥା ଶୁଣି ରାଜା ହସିଲେ । ସେ କହିଲେ—"କଇଁଛ, ତୋ ଜୀବନକୁ କ'ଣ ଭୟ ନାହିଁ କରେ ? ଜଗୁଆଳୀ କାମକର, ତୋତେ ମନା କରାଯାଉ ନାହିଁ । କିନ୍ତୁ ତୋ ଜଗିବା ଭିତରେ ଯଦି ପୁଷ୍କରଣୀର ପାଣି ଗୋଳିଆ ହୋଇ-

Digitized by srujanika@gmail.com

ଯାଏ ତେବେ ତ ତୋତେ ରୋଷାଇଶାଳକୁ ପଠାଇ ଦେବ । ସେଠି ତୋ ମାଂସ ରନ୍ଧାଯିବ ।"

ରାଜାଙ୍କ କଥା ଶୁଣି କଇଁଛ ଭୟ କଲନାହିଁ । ସେ ରାଜାଙ୍କୁ କହିଲା—"ମହାରାଜ, ଏଥିପାଇଁ ମୋର ଭୟ ନାହିଁ । ରୋଷେଇଶାଳାରେ ରନ୍ଧା ହେବାପାଇଁ ଅନ୍ୟ ଗୋଟିଏ ଜୀବ ପ୍ରସ୍ତୁତ ହୋଇ ରହିଛି । ତେବେ ଆପଣଙ୍କୁ ଅନୁରୋଧ, ଆପଣ ମୋ ପିଠିରେ ବହଳିଆ କରି ଆଲ୍‌କେତରା ବୋଳା ଦିଅନ୍ତୁ ତାପରେ କ'ଣ ହେଉଛି ଦେଖିବେ ।"

କଇଁଛ କଥା ଶୁଣି ରାଜା ତାଙ୍କ କର୍ମଚାରୀମାନଙ୍କୁ କଇଁଛ ପିଠିରେ ଆଲ୍‌କେତରା ବୋଳି ଦେବା ପାଇଁ କହିଲେ ।

ରାଜ କର୍ମଚାରୀମାନେ କଇଁଛ ପିଠିରେ ବହଳିଆ କରି ଆଲ୍‌କେତରା ବୋଳି-ଦେଲେ । ତାପରେ କଇଁଛଟି ପୁଷ୍କରିଣୀକୁ ଚାଲିଗଲା ।

ରାତି ହେଲା । ପ୍ରତିଦିନ ଠେକୁଆଟି ପୁଷ୍କରିଣୀକୁ ଯେଉଁବାଟେ ଦେଇ ଆସେ କଇଁଛଟି ସେହି ବାଟରେ ଶୋଇଗଲା । ରାତି ଯେମିତି ଟିକିଏ ବଢିଲା ବୁଦା ଉହାଡ଼ରୁ ଝପ୍‌ଝପ୍ ଶବ୍ଦ କରି ଠେକୁଆଟି ଆସିଲା । ରାସ୍ତାକଡ଼ରେ ପଡ଼ି ରହିଥିବା କଇଁଛଟିକୁ ସେ ଚହ୍ନି ପାରିଲା ନାହିଁ । ସୁନ୍ଦର ପଥରଟିଏ ଭାବି ସେ ତା ପିଠିରେ ବସିପଡ଼ିଲା । କିଛି ସମୟ ବସିବା ଭିତରେ ତା ଦେହଟି କଇଁଛ ପିଠିରେ ଲାଖିଗଲା । ସେ ଉଠି-ବାକୁ ଚେଷ୍ଟାକରି ମଧ୍ୟ ଉଠି ପାରିଲା ନାହିଁ ।

ଏହାପରେ କଇଁଛଟି ଟିକିଏ ଟିକିଏ ଚାଲିବାରୁ ଠେକୁଆଟି ଆଶ୍ଚର୍ଯ୍ୟ ହୋଇ କହିଲା, ବାଃ, ଭାରି ସୁନ୍ଦର ଚଉକିଟିଏତ । ଏ ଚଉକିଟା ଚାଲୁଛି କେମିତି !"

କିଛି ବାଟ ଗଲା ପରେ ଠେକୁଆ ତଳକୁ ମୁହଁ କରି କଇଁଛର ମୁହଁକୁ ଦେଖି ପାରିଲା । ଯାହାକୁ ସେ ଚଉକି ବୋଲି ଭାବିଥିଲା, ସେଇଟା ଚଉକି ନୁହେଁ; କଇଁଛଟିଏ ।

ଠେକୁଆକୁ ଆଉ କୌଣସି କଥା ଅଛପା ରହିଲା ନାହିଁ । ସେ କଇଁଛକୁ କହିଲା—"ମୋତେ ଯଦି ତୋ ପିଠିରୁ ଓହ୍ଲାଇ ନ ଦେଉଛୁ ତେବେ ମୋ ଗୋଡ଼ ସାହାଯ୍ୟରେ ଏମିତି ଗୋଇଠା ମାରିବି ଯେ, ତୋର ଅବସ୍ଥା ସାଙ୍ଗିନ ହୋଇଯିବ ।"

Digitized by srujanika@gmail.com

କଇଁଛ ତା କଥାକୁ ଖାତିର କଲାନାହିଁ । ଠେକୁଆ ତା ପଛ ଗୋଡ଼ରେ ଗୋଟିଏ ଲାତ ମାଇଲା କଇଁଛ ପିଠିରେ । ସଙ୍ଗେ ସଙ୍ଗେ ଗୋଡ଼ଟା ତାର ଲଖିଗଲା । ତାପରେ ସେ ଆଉ ଗୋଟିଏ ଗୋଇଠା ମାରିଦେଲା । ତାର ଅନ୍ୟ ଗୋଡ଼ଟିଏ ବି କଇଁଛ ପିଠିରେ ଲଖିଗଲା । ସେ ରାଗିଯାଇ ତା ଆଗ ହାତ ଦୁଇଟିରେ ମଧ୍ୟ ବିଧାଏ ବିଧାଏ ମାଇଲା । ଏବେ ଠେକୁଆର ହାତ ଦୁଇଟି ମଧ୍ୟ ଲଖି ରହିଲା ।

କଇଁଛ ତା ପିଠିରେ ଠେକୁଆକୁ ବୋହାଇ ରାଜ ଉଆସକୁ ଚାଲିଲା ।

ସେତେବେଳେ ପ୍ରାୟ ପାହାନ୍ତିପହର । ରାଜା ଗାଧୋଇବା ପାଇଁ ପୁଷ୍କରିଣୀକୁ ବାହାରୁ ଥିଲେ । ହଠାତ୍ କଇଁଛ ସହିତ ତାଙ୍କର ଦେଖା ହୋଇଗଲା । କଇଁଛ ପିଠିରେ ଠେକୁଆଟିଏ ବସିଥିଲା ।

କଇଁଛ ରାଜାଙ୍କୁ କହିଲା—"ମହାରାଜ, ଆପଣଙ୍କ ଭୋଜନ ପାଇଁ ମାଉଁସ ଆସିଗଲା । ଏ ବଦ୍‌ମାସ୍ ଠେକୁଆ ପୁଷ୍କରିଣୀର ପାଣିକୁ ଗୋଳିଆ କରିବାକୁ ଆସି ଧରା ପଡ଼ିଯାଇଛି ।"

ଆଖି ଆଗରେ ଅପରାଧୀକୁ ଦେଖି ରାଜା ରାଗିଗଲେ । ସେ ସଙ୍ଗେ ସଙ୍ଗେ ତାଙ୍କ ପାଟଖଣ୍ଡା ସାହାଯ୍ୟରେ ଠେକୁଆର ମୁଣ୍ଡ କାଟିଦେଇ ରାନ୍ଧୁଣିଆଁକୁ କହିଲେ—"ମୁଁ ଗାଧୋଇ ଯାଉଛି । ଫେରିଲାବେଳକୁ ଯେପରି ଠେକୁଆ ମାଉଁସ ରାନ୍ଧି ସାରିଥିବ । ମୁଁ ଆସିଲେ ଖାଇବି ।"

ଏହାପରେ ରାଜା କଇଁଛକୁ ବହୁ ମୂଲ୍ୟବାନ ଉପହାର ମାନଦେଇ ପୁଷ୍କରିଣୀକୁ ଚାଲିଗଲେ । ସାଙ୍ଗରେ ତାଙ୍କର ଦଶ ବାର ଜଣ ଚାକର ଥାନ୍ତି । ସେମାନେ ପୁଷ୍କରିଣୀର ନିର୍ମଳ ଜଳରେ ରାଜାଙ୍କୁ ଘଷିଘାଷି ଗାଧୋଇ ଦେଲେ । ଫଳରେ ରାଜାଙ୍କର କାଛୁକୁଣ୍ଡିଆ ଭଲ ହୋଇଗଲା । ଗାଧୋଇସାରି ରାଜା ଉଆସକୁ ଫେରି ଆସିଲେ । ରାନ୍ଧୁଣିଆଁ ତାଙ୍କ ଆଗରେ ଠେକୁଆ ମାଉଁସ ପରଷି ଦେଲା । ଠେକୁଆ ମାଉଁସ ଖାଇ ସେ କଇଁଛର ଭୂରିଭୂରି ପ୍ରଶଂସା କଲେ ।

Digitized by srujanika@gmail.com

ଫୁଲଟି ପାଇଁ

ଜଣେ ରାଜାଙ୍କର ପାଞ୍ଚ ପୁଅ ଥିଲେ । ପାଞ୍ଚ ପୁଅଙ୍କ ମଧ୍ୟରୁ ସବା ସାନ ପୁଅକୁ ରାଜା ଅତି ଭଲ ପାଉଥିଲେ । କାରଣ ସାନ ପୁଅ ରାଜାଙ୍କୁ ସବୁବେଳେ ସାହାଯ୍ୟ କରୁଥିଲେ । କିନ୍ତୁ ତାଙ୍କୁ ଛାଡ଼ି ଦେଲେ ଅନ୍ୟ ପୁଅମାନେ ବଡ଼ ଅଳସୁଆ ଥିଲେ । ସେମାନେ ରାଜାଙ୍କୁ କୌଣସି କାମରେ ସାହାଯ୍ୟ କରୁ ନ ଥିଲେ, ସବୁବେଳେ ମଉଜରେ ସମୟ ବିତାଉ ଥିଲେ ।

କ୍ରମେ ରାଜା ବୁଢ଼ା ହୋଇଗଲେ । ତାଙ୍କୁ ଗୋଟିଏ ଅସାଧ୍ୟ ରୋଗ ଧରିଲା । ଆଖିକୁ ଆଉ ଦେଖାଗଲା ନାହିଁ । ଆଖିକୁ ଦେଖା ନ ଯିବାରୁ ରାଜା ବଡ଼ ଚିନ୍ତାରେ ପଡ଼ିଗଲେ । ଦେଶ ବିଦେଶରୁ ବୈଦ୍ୟମାନେ ଆସି ରାଜାଙ୍କୁ ଚିକିତ୍ସା କଲେ । କିନ୍ତୁ ଫଳ କିଛି ହେଲାନାହିଁ ।

ଦିନକର ରାତିରେ ରାଜା ଗୋଟିଏ ସ୍ୱପ୍ନ ଦେଖିଲେ । ଦେବୀ ମୂର୍ତ୍ତିଟିଏ ଆସି ତାଙ୍କ ଆଗରେ ଛିଡ଼ା ହେଲା । ଦେବୀ ମୂର୍ତ୍ତିଟି ରାଜାଙ୍କୁ କହିଲା—"ମହାରାଜ, ରାଜକୁମାରୀ ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକାରେ ଗୁଲବକବଲୀ ନାମକ ଗୋଟିଏ ପ୍ରକାରର ଫୁଲ ଫୁଟେ । ଆପଣ ସେହି ଫୁଲ ଆଣି ଯଦି ଆଖି ପାଖରେ ଛୁଆଁଇ ଦେବେ ତେବେ ଆପଣଙ୍କ ଆଖିକୁ ଦେଖାଯିବ । ଦେହ ପୂର୍ବପରି ଭଲ ହୋଇଯିବ ।

ଏତିକି କହି ଦେବୀ ମୂର୍ତ୍ତିଟି ଉଭେଇ ଗଲା । ରାଜାଙ୍କ ନିଦ ଭାଙ୍ଗିଗଲା । ରାଜା ରାତିସାରା ସ୍ୱପ୍ନ କଥା ଭାବି ହେଲେ । ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକା କେଉଁଠି ଏହା ସେ ଜାଣି ନ ଥିଲେ । ତେଣୁ ତାପର ଦିନ ସେ ତାଙ୍କ ରାଜସଭାରେ ଦେଖିଥିବା ସ୍ୱପ୍ନ କଥା କହିଲେ ଓ ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକା କେଉଁଠି, ଏ କଥା ପଚାରିଲେ । କିନ୍ତୁ ଏ ସମ୍ବନ୍ଧରେ କେହି ହେଲେ କିଛି ଉତ୍ତର ଦେଇ ପାରିଲେ ନାହିଁ । ଶେଷରେ ରାଜା ଘୋଷଣା କଲେ ଯେ କେହି ତାଙ୍କୁ ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକାରୁ 'ଗୁଲାବ କବଲୀ' ନାମକ ଫୁଲ ଆଣି ଦେଇପାରିବ ସେ ତାକୁ ନିଜ ରାଜ୍ୟରୁ ଅଧେ ଦେଇଦେବେ ।

Digitized by srujanika@gmail.com

ଘୋଷଣା ଶୁଣି ରାଜାଙ୍କ ଚାରି ପୁଅ, ତାଙ୍କ ପାଖରେ ପହଞ୍ଚିଗଲେ । ସବାବଡ଼ ରାଜକୁମାର ରାଜାଙ୍କୁ କହିଲେ—"ମହାରାଜ ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକା ପୂର୍ବଦିଗରେ ଅଛି ବୋଲି ମୁଁ ଶୁଣିବାକୁ ପାଇଛି । ଆପଣ ମୋତେ କିଛି ଘୋଡ଼ା, ସୈନ୍ୟ ଦଳଟିଏ ଓ ଧନସମ୍ପତ୍ତି ଦେଇ ସେଦିଗକୁ ଯିବାପାଇଁ ଆଦେଶ ଦିଅନ୍ତୁ । ମୁଁ ଗୁଲ୍‌ବକାବଲୀ ଫୁଲ ନିଶ୍ଚୟ ନେଇ ଆସିବି ।"

ବଡ଼ ରାଜକୁମାରଙ୍କ କଥା ଅନୁଯାୟୀ ରାଜା ତାଙ୍କୁ ବହୁ ଧନସମ୍ପତ୍ତି ଘୋଡ଼ା ଓ ସୈନ୍ୟ ଆଦି ଦେଇ ବିଦାକଲେ ।

ସେହିଭଳି ଅନ୍ୟ ତିନି ରାଜକୁମାର ମଧ୍ୟ ପଶ୍ଚିମ, ଉତ୍ତର ଓ ଦକ୍ଷିଣ ଦିଗକୁ ଗଲେ । ସାଙ୍ଗରେ ସେମାନଙ୍କ ପ୍ରଚୁର ଧନ ଥାଏ ଓ ସୈନ୍ୟସାମନ୍ତ ମଧ୍ୟ ଯାଇଥାନ୍ତି । କେବଳ ବାକି ଥାନ୍ତି ସବା ସାନ ରାଜକୁମାର ।

ରାଜା ସବା ସାନ ରାଜକୁମାରଙ୍କୁ କହିଲେ—"ଚାରି ପୁଅଯାକ ଗୁଲ୍‌ବକାବଲୀ ଫୁଲ ଆଣିବାକୁ ଚାଲିଗଲେ । ଫୁଲ ନେଇ ସେମାନେ ଯଦି ନ ଫେରନ୍ତି ତେବେ ତ ମୁଁ ସବୁଦିନ ପାଇଁ ଅନ୍ଧ ହୋଇ ରହିବି ।"

ସବା ସାନ ରାଜକୁମାର କହିଲେ—"ମହାରାଜ, ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକା କେଉଁଠି ଅଛି ମୋତେ ଜଣାନାହିଁ । ତଥାପି ଆପଣ ଚିନ୍ତା କରନ୍ତୁ ନାହିଁ । ମୁଁ ବି ଫୁଲଟିର ସନ୍ଧାନରେ ଯିବି । ଏ ଫୁଲ ଯେଉଁଠି ଥାଉନା କାହିଁକି, ତାହା ନ ଆଣି ଫେରିବି ନାହିଁ ।"

ସବା ସାନ ରାଜକୁମାର ମଧ୍ୟ ଫୁଲଟିର ସନ୍ଧାନରେ ବାହାରି ପଡ଼ିଲେ । ରାଜା ତାଙ୍କୁ କିଛି ଘୋଡ଼ା, ସୈନ୍ୟସାମନ୍ତ ଓ ଧନ ଦେଉଥିଲେ । ସାନ ରାଜକୁମାର କିନ୍ତୁ ସେ ସବୁ ନ ଆଣି କହିଲେ—"ମହାରାଜ, ଏ ସବୁ ମୁଁ କିଛି ନେବିନାହିଁ । ମଣିଷ ପାଖରେ ଧନ ସମ୍ପତ୍ତି ସୁଖ ସୁବିଧା ଆଦି ରହିଲେ ସେ ଅଳସୁଆ ହୋଇଯାଏ । ତେଣୁ ମୁଁ ଖାଲି ହାତରେ ଯିବି ।"

ରାଜା ଆଉ କ'ଣ କହିବେ । ସେ ସାନ ରାଜକୁମାରଙ୍କୁ କିଛି ନ ଦେଇ ଖାଲି ହାତରେ ବିଦା କଲେ ।

ତେଣେ କ'ଣ ହୋଇଛି, ଚାରି ଜଣଯାକ ରାଜକୁମାର ଚାରିଗୋଟି ଦିଗରେ ଯାଇ ମଧ୍ୟ ସମସ୍ତେ ଗୋଟିଏ ଛକରେ ମିଳିଲେ । ଯେଉଁ ଛକରେ ସେମାନେ ମିଳିଲେ

Digitized by srujanika@gmail.com

ସେଠି ଅତି ସୁନ୍ଦର ଯାଦୁ ନଗରଟିଏ ଥାଏ । ଯାଦୁନଗରର ଦ୍ୱାରଦେଶରେ ଗୋଟିଏ ନାଗରା ବାଦ୍ୟ ରଖା ଯାଇଥାଏ । ନଗର ଭିତରକୁ ଯିବାକୁ ହେଲେ ପ୍ରଥମେ ଏ ନାଗରା ବାଦ୍ୟ ବଜାଇବାକୁ ହେବ । କିନ୍ତୁ ସର୍ତ୍ତ ଏହା ଥାଏ ଯେ ଯଦି କେହି ଏ ନାଗରା ବଜାଇବ ସିପାହୀମାନେ ଆସି ତାକୁ ଯାଦୁ ନଗରରେ ରହୁଥିବା ରାଜକୁମାରୀଙ୍କ ପାଖକୁ ନେଇଯିବେ । ଯାଦୁନଗରର ରାଜକୁମାରୀଙ୍କ ସହିତ ତାକୁ ପଶା ଖେଳିବାକୁ ପଡ଼ିବ । ଯଦି ସେ ଏ ପଶା ଖେଳରେ ଜିତିବ ତେବେ ରାଜକୁମାରୀ ତାକୁ ବାହା ହେବେ ଆଉ ହାରିଗଲେ ତାକୁ ବନ୍ଦୀ କରି ରଖିବେ ।

ଯାଦୁନଗରର ରାଜକୁମାରୀଙ୍କ କଥା ଶୁଣି ତାଙ୍କୁ ବାହା ହେବା ପାଇଁ ଚାରି ରାଜକୁମାର ମନ ବଳାଇଲେ । ତେଣୁ ସେମାନେ ନାଗରା ବଜାଇ ଦେଲେ ।

ନାଗରା ବାଦ୍ୟ ଶୁଣି ଯାଦୁନଗରର ସିପାହୀମାନେ ଆସି ରାଜକୁମାରମାନଙ୍କୁ ନଗର ଭିତରକୁ ନେଇଗଲେ । ବାଟରେ ବରଡ଼ିଟିଏ ରାଜକୁମାରମାନଙ୍କୁ ଭେଟି କହିଲା—"ରାଜକୁମାରମାନେ, ମୋତେ ବି ତୁମ ସାଙ୍ଗରେ ନେଇଚାଲ । ଯାଦୁନଗର-ରାଜକୁମାରୀଙ୍କୁ ଦେଖିବା ପାଇଁ ମୋର ଭାରି ଇଚ୍ଛା ।"

ରାଜକୁମାରମାନେ କିନ୍ତୁ ବରଡ଼ିକୁ ଥଟ୍ଟା କରି କହିଲେ—"ଦୂର ହୁଅ । ତୋ ମୁହଁ ଦେଖିଲେ ଅଶୁଭ । ତୋତେ ପୁଣି ସାଙ୍ଗରେ ନେବୁଁ ?"

ତାପରେ ବରଡ଼ିକୁ ସାଙ୍ଗରେ ନ ନେଇ ସେମାନେ ଯାଦୁନଗରର ରାଜକୁମାରୀଙ୍କ ପାଖରେ ପହଞ୍ଚିଗଲେ । ଯାଦୁନଗରର ରାଜକୁମାରୀ ଜଣ ଜଣ କରି ଚାରିଭାଇଙ୍କ ସହିତ ପଶା ଖେଳିଲେ । ଖେଳରେ ଚାରିଜଣଙ୍କ ଭିତରୁ ଜଣେ ହେଲେ ଜିତିଲେ ନାହିଁ । ତେଣୁ ରାଜକୁମାରୀ ଚାରିଭାଇଙ୍କୁ ବନ୍ଦୀ କରି ରଖିଲେ ।

କିଛି ଦିନ ପରେ ସବା ସାନ ରାଜକୁମାର ମଧ୍ୟ ଚାଲିଚାଲି ଆସି ଯାଦୁନଗରର ଦ୍ୱାର ପାଖରେ ପହଞ୍ଚିଗଲେ । ଦ୍ୱାର ପାଖରେ ପହଞ୍ଚି ସେଠିଥିବା ନାଗରା ବାଦ୍ୟକୁ ସେ ଯେମିତି ବଜାଇଛନ୍ତି ସଙ୍ଗେ ସଙ୍ଗେ ସିପାହୀମାନେ ଆସି ତାଙ୍କୁ ଯାଦୁନଗରର ରାଜକୁମାରୀଙ୍କ ପାଖକୁ ନେଇଗଲେ । ବାଟରେ ରାଜକୁମାର ବରଡ଼ିଟିଏ ଦେଖିଲେ । ବରଡ଼ିଟି ରାଜକୁମାରଙ୍କୁ କହିଲା—"ରାଜକୁମାର ମୋତେ ବି ସାଙ୍ଗରେ ନେଇଚାଲ । ଯାଦୁନଗରର ରାଜକୁମାରୀଙ୍କୁ ଦେଖିବା ପାଇଁ ମୋର ଭାରି ଇଚ୍ଛା ।"

Digitized by srujanika@gmail.com

ବରାଡ଼ି ପ୍ରତି ରାଜକୁମାରଙ୍କ ସ୍ପୃହା ହେଲା । ସେ ବରାଡ଼ିକୁ ଉଠାଇ ନିଜ ପୋଷାକର ମୁଣି ଭିତରେ ରଖିଲେ ଓ ଯାଦୁନଗରୀର ରାଜକୁମାରୀଙ୍କ ପାଖରେ ଯାଇ ପହଞ୍ଚିଗଲେ ।

ସର୍ତ୍ତ ଅନୁଯାୟୀ ରାଜକୁମାର ରାଜକୁମାରୀଙ୍କ ସହିତ ପଶା ଖେଳିବା ପାଇଁ ବସିଗଲେ । ଖେଳ ପୂର୍ବରୁ ରାଜକୁମାର ଆଖପାଖ ଚାରିଆଡ଼େ ଅନାଉଁଥାନ୍ତି । ଯାଦୁନଗରୀର କାନ୍ଥବାଡ଼ ସବୁଥିରେ ଯାଦୁ ଥିଲା ଭଳି ତାଙ୍କର ଅନୁଭବ ହେଉଥାଏ । ଖେଳ ବେଳେ ସେ ଦେଖିଲେ ରାଜକୁମାରୀଙ୍କ ପାଖରେ ସାତ ଗୋଟି ଦୀପ ଜଳୁଛି । ପ୍ରଥମଥର ଯାଦୁନଗରୀର ରାଜକୁମାରୀ ଯେତେବେଳେ ପଶାକାଠି ପକାଇଲେ ସେତେବେଳେ ମୂଷା ଛୁଆଟିଏ କେଉଁଠି ଥିଲା ଆସି ସାତୋଟି ଦୀପରୁ ଗୋଟିଏ ଦୀପକୁ ଲିଭାଇ ଦେଇ ଚାଲିଗଲା । ଏଥର ରାଜକୁମାର ହାରିଗଲେ । ଆହୁରି ଛଅ ଗୋଟି ପଶା କାଠି ବାକିଥାଏ । ମୂଷାଟି ଦୀପ ଲିଭାଇବାର ଘଟଣା ନେଇ ରାଜକୁମାରଙ୍କ ସନ୍ଦେହ ହେଲା । ସେ ମନେ ମନେ ଭାବିଲେ ବୋଧହୁଏ ମୂଷାଟି ଦୀପଟିକୁ ଲିଭାଇଦେବା ଭିତରେ କିଛି ଯାଦୁ ଥାଇପାରେ ।

ରାଜକୁମାରୀ ଦ୍ୱିତୀୟ ଥର ପାଇଁ ପଶାକାଠି ପକାଇଲେ । ସେହି ସମୟରେ ମୂଷା ଛୁଆଟିଏ ଆସି ଆଉ ଗୋଟିଏ ଦୀପ ଲିଭାଇଦେବାକୁ ବସିଥାଏ ଠିକ୍ ଏତିକିବେଳେ ରାଜକୁମାର ସାଙ୍ଗରେ ଆଣିଥିବା ବରାଡ଼ିଟିକୁ ପୋଷାକର ମୁଣାଭିତରୁ ବାହାର କରି ଛାଡ଼ିଦେଲେ । ମୂଷାଟି ଦ୍ୱୀପଟିକୁ ଲିଭାଇବା ପୂର୍ବରୁ ବରାଡ଼ିଟି ତାକୁ ଟପ୍ କରି ଗିଳିଦେଲା । ଏହା ଦେଖି ରାଜକୁମାରୀଙ୍କ ବୁଦ୍ଧି ହଜିଗଲା ।

ସେହିପରି ଆହୁରି ପାଞ୍ଚଥର ଯାକ ରାଜକୁମାରୀ ଯେତେବେଳେ ପଶାକାଠି ପକାଉଥିଲେ ସେତେବେଳେ ମୂଷା ଗୋଟିଏ ଲେଖାଁ ଦୀପଗୁଡ଼ିକୁ ଲିଭାଇବା ପାଇଁ ଆସୁଥାନ୍ତି ଓ ବିରାଡ଼ିଟି ସେ ସମସ୍ତଙ୍କୁ ଗିଳି ପକାଉଥାଏ । ଏହିପରି ଭାବରେ ଖେଳ ଯେତେବେଳେ ସରିଲା ସେତେବେଳେ ଯାଦୁନଗରୀର ରାଜକୁମାରୀ ପୁରାପୁରି ହାରିଯାଇଥାନ୍ତି । ତେଣୁ ରାଜକୁମାରଙ୍କୁ ସେ ବାଧହୋଇ ବାହା ହେଲେ ।

ବାହାଘର ପରେ ସାନ ରାଜକୁମାର ଯାଦୁନଗରୀର ରାଜକୁମାରୀଙ୍କୁ କହିଲେ କି, ତାଙ୍କ ବାପାଙ୍କ ପାଇଁ ସେ ରାଜକୁମାରୀ ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକାରେ ହୋଇଥିବା ଗୁଲବକାବଲୀ ଫୁଲର ସନ୍ଧାନରେ ଆସିଛନ୍ତି । ତେଣୁ ତାଙ୍କୁ ଯେମିତି ହେଲେ ଏ ଫୁଲଟିକୁ ସଂଗ୍ରହ କରି ନେବାକୁ ପଡ଼ିବ ।

Digitized by srujanika@gmail.com

ରାଜକୁମାରଙ୍କ କଥା ଶୁଣି ରାଜକୁମାରୀ କହିଲେ—"ରାଜକୁମାର ଏଥିପାଇଁ ତୁମକୁ ଆଉ ହଇରାଣ ହେବାକୁ ପଡ଼ିବ ନାହିଁ । ଏଠୁ ତୁମେ ଆଗରେ ଦେଖା ଯାଉଥିବା ସାତ ଗୋଟି ପାହାଡ଼ ଡେଇଁ କରି ଗଲା ପରେ ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକା ଦେଖିବ । ପୁଷ୍ପବାଟିକା ଭିତରେ ଗୋଟିଏ ସୁନ୍ଦର ପୁଷ୍କରଣୀ ଅଛି । ସେହି ପୁଷ୍କରଣୀ ଭିତରେ ବହୁଗୁଡ଼ିଏ ଗୁଳାବକବଲୀ ଫୁଲ ଫୁଟିଛି । ତେବେ ଚନ୍ଦ୍ରାବତୀଙ୍କ ଅନୁମତି ନ ନେଇ ଫୁଲ ତୋଳିବ ନାହିଁ ।"

ତାପରେ ରାଜକୁମାରୀ ରାଜକୁମାରଙ୍କ ହାତରେ ସୁନା ମୁଦିଟିଏ ପିନ୍ଧାଇ ଦେଇ କହିଲେ—"ଦେଖ ରାଜକୁମାର, ତୁମ ଉପରେ ଯଦି କୌଣସି ବିପଦ ପଡ଼ିବ ତେବେ ଏ ମୁଦିଟିକୁ ଆଖି ପାଖରେ ରଖି ମୋତେ ସ୍ମରଣ କରିବ । ମୁଁ ସଙ୍ଗେ ସଙ୍ଗେ ତୁମ ପାଖରେ ପହଞ୍ଚି ବିପଦରୁ ଉଦ୍ଧାର କରିବ ।"

ମୁଦିଟି ପାଇ ରାଜକୁମାର ବହୁତ ଖୁସି ହେଲେ । ସେ ସାତ ଗୋଟି ପାହାଡ଼ ଆଉ କେତେ ବିଲ ବଣ ଡେଇଁ ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକାରେ ପହଞ୍ଚିଲେ । ପୁଷ୍ପବାଟିକା ଭିତରେ ଅତି ସୁନ୍ଦର ପୁଷ୍କରଣୀଟିଏ । ତା'ଭିତରେ ଗୁଳାବକବଲୀ ଫୁଲ ଫୁଟି ମହକୁ ଥାଏ । ସେଇଠା ସେଇଠା ଗୁଳାବକବଲୀ ଫୁଲକୁ ଶେଜ ଭଳି ସଜାଇ ତା'ର ଉପରେ ଚନ୍ଦ୍ରାବତୀ ଶୋଇଥିଲେ । ଚନ୍ଦ୍ରାବତୀ ସେତେବେଳେ ଏତେ ସୁନ୍ଦରୀ ଦେଖା ଯାଉଥିଲେ ଯେ, ରାଜକୁମାର ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଏ ଭଳି ରୂପବତୀ କନ୍ୟା ଜୀବନରେ ସେ କେବେ ଦେଖି ନ ଥିଲେ ।

ରାଜକୁମାର ବହୁ ବେଳଯାଏ ସେଠି ଅପେକ୍ଷା କରି ରହିଲେ । ଚନ୍ଦ୍ରାବତୀଙ୍କ ନିଦ ଭାଙ୍ଗିଲେ ତାଙ୍କଠାରୁ ଗୁଳାବକବଲୀ ଫୁଲ ନେଇ ସେ ବିଦାୟ ନେବେ । ତେବେ ଚନ୍ଦ୍ରାବତୀଙ୍କ ନିଦ ମୋଟେ ଭାଙ୍ଗିଲା ନାହିଁ । ରାଜକୁମାର ଦେଖିଲେ ବହୁତ ବିଳମ୍ବ ହୋଇଯାଉଛି । ତେଣୁ ସେ କିଛି ଗୁଳାବକବଲୀ ଫୁଲ ପୁଷ୍କରଣୀରୁ ଛିଣ୍ଡାଇଲେ ଓ ଚନ୍ଦ୍ରାବତୀ ପିନ୍ଧିଥିବା ଶାଢ଼ୀର କାନିରେ ନିଜର ପରିଚୟ ତଥା ସେ ଗୁଳାବକବଲୀ ଫୁଲ ନେଇ ଯାଇଥିବା କଥା ଲେଖିଦେଇ ଚାଲିଗଲେ ।

ଗୁଳାବକବଲୀ ଫୁଲ ସାଙ୍ଗରେ ନେଇ ଫେରିଲା ବେଳେ ରାଜକୁମାରଙ୍କ ମନ ଆନନ୍ଦରେ ପୂରି ଉଠୁଥାଏ । କିଛି ବାଟ ଗଲା ପରେ ସେ ତାଙ୍କର ଚାରି ଭାଇଙ୍କୁ ଭେଟିଲେ । ସାନ ରାଜକୁମାର ଯାଦୁନଗରୀର ରାଜକୁମାରୀଙ୍କୁ ପଶାଖେଳରେ ପରାସ୍ତ କରିବା ପରେ ରାଜକୁମାରୀ ଯାଦୁନଗରୀରେ ବନ୍ଦୀ ହୋଇ ରହିଥିବା ସମସ୍ତଙ୍କୁ ଛାଡ଼ି ଦେଇଥିଲେ । ଜେଲରୁ ଫେରିଥିବାରୁ ଚାରି ଭାଇଙ୍କ ନିଶ ଦାଢ଼ୀ ବଢ଼ି ଯାଇଥାଏ ।

Digitized by srujanika@gmail.com

ସାନ ରାଜକୁମାର ସେମାନଙ୍କୁ ଚିହ୍ନିପାରିଲେ ନାହିଁ । ଚାରିଜଣ ରାଜକୁମାର ନିଜର ପରିଚୟ ଦେବାରୁ ସାନ ରାଜକୁମାର ସେମାନଙ୍କୁ ଚିହ୍ନିଲେ ଏବଂ ଗୁଲବକାବଲୀ ଫୁଲ ସେ କପରି ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକାରୁ ନେଇ ଫେରିଲେ,ଏ ସବୁ କଥା କହିଲେ ।

ଗୁଲବକାବଲୀ ଫୁଲ ସାନ ରାଜକୁମାର ନେଇ ଆସିଥିବାରୁ ଚାରି ରାଜକୁମାର ଅହଂକାରରେ ଜଳି ଉଠିଲେ । ସେମାନେ ନିଜ ନିଜ ଭିତରେ ଷଡ଼ଯନ୍ତ୍ର କରି ସାନ ରାଜକୁମାରଙ୍କୁ କହିଲେ—"ଭାଇ ଗୁଲବକାବଲୀ ଫୁଲର ତ ନାଁ କେବଳ ଆମେ ଶୁଣିଛୁ । ଏହା କପରି ଆମେ ଦେଖିନାହୁଁ । ତେଣୁ ଆମକୁ ସେ ଫୁଲଟି ଦେଖାଇ ଦିଅ ।"

ସାନ ରାଜକୁମାରଙ୍କ ମନରେ ତ ଏତେ ଛନ୍ଦ କପଟ ନ ଥିଲା । ତେଣୁ ସେ ଫୁଲଟିକୁ ଦେଖାଇ ଦେଲେ । ଠିକ୍ ଏତିକବେଳେ ଫୁଲଟିକୁ ଛଡ଼ାଇ ନେଇ ଚାରିଜଣଯାକ ରାଜକୁମାର ସାନ ରାଜକୁମାର ଉପରେ କୁଦି ପଡ଼ିଲେ । ସେମାନେ ସାନ ରାଜକୁମାରଙ୍କୁ ଏତେ ପିଟିଲେ ଯେ ସାନ ରାଜକୁମାର ମୂର୍ଚ୍ଛା ହୋଇଗଲେ । ସେ ମରିଯାଇଛନ୍ତି ଭାବି ଚାରିଜଣଯାକ ରାଜକୁମାର ତାଙ୍କୁ ଗୋଟିଏ ଗାତ ଭିତରେ ପକାଇ ଦେଲେ ଓ ଫୁଲ ଧରି ନିଜ ରାଜ୍ୟକୁ ଫେରିଗଲେ ।

ଚାରିଜଣଯାକ ରାଜକୁମାର ଗୁଲବକାବଲୀ ଫୁଲ ନେଇ ଫେରିବା କଥା ତାଙ୍କ ରାଜ୍ୟସାରା ପ୍ରଚାରିତ ହୋଇଗଲା । ରାଜକୁମାରମାନେ ଏ ଫୁଲ ନିଜେ ଆଣିଛନ୍ତି ବୋଲି ରାଜାଙ୍କୁ ମିଛ କଥା କହିଲେ ।

ଏଣେ କ'ଣ ହୋଇଛି ନା ପୁଷ୍ପବାଟିକାରେ ଚନ୍ଦ୍ରାବତୀଙ୍କ ନିଦ ଭାଙ୍ଗିଗଲା । ସେ ଦେଖିଲେ ତାଙ୍କ ପୁଷ୍କରିଣୀରୁ କେତୋଟି ଗୁଲବକାବଲୀ ଫୁଲ କମିଯାଇଛି । ଏହା ଦେଖି ତାଙ୍କ ମନ ଆନନ୍ଦରେ ପୂରିଉଠିଲା । କାରଣ ପୁଷ୍ପବାଟିକା ଭିତରେ ଥିବା ପୁଷ୍କରିଣୀରୁ କେହି ଯଦି ଗୁଲବକାବଲୀ ଫୁଲ ଛିଣ୍ଡାଇ ନିଏ ତେବେ ତା ସହିତ ଚନ୍ଦ୍ରାବତୀଙ୍କ ବାହାଘର ହେବାର ନିଶ୍ଚିତ ହୋଇଥିଲା । ତେଣୁ କିଏ ଏ ଫୁଲ ଛିଣ୍ଡାଇ ନେଇଛି ଏହା ଜାଣିବା ପାଇଁ ଚନ୍ଦ୍ରାବତୀ ଅନୁସନ୍ଧାନ କଲେ । ଠିକ୍ ଏତିକ-ବେଳେ ତାଙ୍କ ସିନ୍ଧାଶାଢ଼ୀର କାନରେ ସାନ ରାଜକୁମାରଙ୍କ ପରିଚୟ ପାଇ ସେ ତାଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇ ଉଠିଲେ ।

ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକା ଭିତରେ ଥିବା ପୁଷ୍କରିଣୀର ଏକ ବିଶେଷଣ ଥିଲା । ଚନ୍ଦ୍ରାବତୀ ଯାହାକୁ ଇଚ୍ଛା କରୁଥିଲେ ପୁଷ୍କରିଣୀର ଜଳ ଭିତରେ ତାକୁ ସେ ଦେଖି ପାରୁଥିଲେ । ତେଣୁ ସେ ରାଜକୁମାରଙ୍କୁ ସ୍ମରଣ କରି ପୁଷ୍କରିଣୀର ପାଣି

Digitized by srujanika@gmail.com

ଭିତରକୁ ଅନାଇଁ ଦେଖିଲେ ଯେ, ରାଜକୁମାର ଗୋଟିଏ ଗାତ ଭିତରେ ମୂର୍ଚ୍ଛା ହୋଇ ପଡ଼ିଛନ୍ତି । ତାଙ୍କ ହାତରେ ଗୁଲବକବଲ୍ଲୀ ଫୁଲ ନାହିଁ । ତେବେ ଗୁଲବକବଲ୍ଲୀ ଫୁଲ ଗଲା କୁଆଡ଼େ ? ଏହା ଜାଣିବା ପାଇଁ ସେ ପୁଣି ଥରେ ପୁଷ୍କରଣୀକୁ ଅନାଇଁ ଦେଖିଲେ ଯେ, ତାହା ଚାରିଜଣ ରାଜକୁମାରଙ୍କ ହାତରେ ରହିଛି, ସେମାନେ କି ଜଣେ ରାଜାଙ୍କ ପାଖରେ ଫୁଲ ଦେଖାଇ ନିଜେ ଆଣିଛନ୍ତି ବୋଲି ମିଛ କଥା କହୁଛନ୍ତି ।

ଏ ସବୁ ଜାଣି ଚନ୍ଦ୍ରାବତୀଙ୍କ ମନ ଦୁଃଖରେ ପୂରିଗଲା । ସେ ଧଙ୍ଗେ ଧଙ୍ଗେ ମୂର୍ଚ୍ଛା ହୋଇ ପଡ଼ିଥିବା ରାଜକୁମାରଙ୍କ ପାଖରେ ପହଞ୍ଚି ତାଙ୍କ ଉପରକୁ ଧୂଳି ଟିକିଏ ଫିଙ୍ଗି ଦେଲେ । ତାଙ୍କ ହାତର ଧୂଳି ରାଜକୁମାରଙ୍କ ଦେହରେ ଯେମିତି ପଡ଼ିଛି ସେ ଧଙ୍ଗେ ଧଙ୍ଗେ ନିଦରୁ ଉଠିଲା ଭଳି ଠେଇଁ ଉଠିଲେ । ଆଖି ଆଗରେ ଚନ୍ଦ୍ରାବତୀଙ୍କୁ ଦେଖି ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଚନ୍ଦ୍ରାବତୀ ତାଙ୍କୁ କହିଲେ—"ରାଜକୁମାର, କିଛି ଚିନ୍ତା କରନା । ବର୍ତ୍ତମାନ ତୁମ ଭାଇମାନେ ଗୁଲବକବଲ୍ଲୀ ଫୁଲ ନେଇ ଦେଇଛନ୍ତି ଓ ନିଜ ନିଜର ବାହାଦୁରୀ କାହାଣୀ କହୁଛନ୍ତି । ତେବେ ଫୁଲଗୁଡ଼ିକରେ ଥିବା ଦିବ୍ୟଶକ୍ତିକୁ ମୁଁ କାଢ଼ି ନେଇଛି । ଏହା କୌଣସି କାମରେ ଆସିବ ନାହିଁ । ତୁମେ ଯାଇ ଫୁଲଗୁଡ଼ିକୁ ଯେତେବେଳେ ଛୁଇଁବ ସେତେବେଳେ ଫୁଲଗୁଡ଼ିକ ପୁଣି ଦିବ୍ୟଶକ୍ତିରେ ଭରିଯିବ ଓ ତାହା ରାଜାଙ୍କ ଆଖି ପାଖରେ ଲଗାଇ ଦେଲେ ଆଖିକୁ ତାଙ୍କର ଦେଖାଯିବ ।

ତାପରେ ଚନ୍ଦ୍ରାବତୀ ତାଙ୍କ ଗଳାରୁ ହାରଟିଏ କାଢି ରାଜକୁମାରଙ୍କୁ ପିନ୍ଧାଇ ଦେଲେ ଓ କହିଲେ—"ଯଦି ଆବଶ୍ୟକ ହୁଏ ତେବେ ଏ ହାରଟିକୁ ଆଖି ପାଖରେ ଛୁଆଁଇ ମୋତେ ସ୍ମରଣ କରିବ । ସ୍ମରଣ କଲା ମାତ୍ରେ ମୁଁ ତୁମ ପାଖରେ ଯାଇ ପହଞ୍ଚିଯିବି ।"

ଚନ୍ଦ୍ରାବତୀ ରାଜକୁମାରଙ୍କୁ ବିଦାୟ ଦେଲାବେଳେ ଘୋଡ଼ାଟିଏ ଦେଇ କହିଲେ—"ଏ ଘୋଡ଼ାରେ ବସ । ଘୋଡ଼ାଟି ଅତି ଶୀଘ୍ର ତୁମକୁ ନେଇ ତୁମ ରାଜ୍ୟରେ ପହଞ୍ଚାଇ ଦେବ ।

ରାଜକୁମାର ଘୋଡ଼ାଟିରେ ବସି ଅତି ଶୀଘ୍ର ନିଜ ରାଜ୍ୟରେ ଆସି ପହଞ୍ଚିଗଲେ । ସେତେବେଳେ ତାଙ୍କ ଚାରି ଭାଇ ରାଜାଙ୍କ ପାଖରେ ଛିଡ଼ା ହୋଇଥିଲେ । କିନ୍ତୁ ସେମାନେ ଆଣିଥିବା ଫୁଲଗୁଡ଼ିକ ରାଜାଙ୍କ ଆଖି ପାଖରେ ଛୁଆଁଇଲା ପରେ ବି ରାଜାଙ୍କ ଆଖି ଭଲ ହୋଇ ନ ଥିଲା ।

Digitized by srujanika@gmail.com

ସାନ ରାଜକୁମାରଙ୍କୁ ଦେଖି ଚାରିଜଣଯାକ ରାଜକୁମାର ଅଣ୍ଡୁଆରେ ପଡ଼ି-ଗଲେ । ସାନ ରାଜକୁମାର ଗୋଟି ଗୋଟି କରି ସମସ୍ତ କଥା ରାଜାଙ୍କୁ କହିଲେ ।

ଚାରିଜଣଯାକ ରାଜକୁମାର ସାନ ରାଜକୁମାର ମିଛ କହୁଛନ୍ତି ବୋଲି ରାଜାଙ୍କ ଆଗରେ ଯୁକ୍ତି ବାଢ଼ିଲେ । ଠିକ୍ ଏତିକବେଳେ ଯାଦୁନଗରର ରାଜକୁମାରୀ ଦେଇଥିବା ମୁଦିଟିକୁ ଆଖି ପାଖରେ ଲଗାଇ ରାଜକୁମାର ତାଙ୍କୁ ସ୍ମରଣ କଲେ । ଯାଦୁନଗରର ରାଜକୁମାରୀ ସଙ୍ଗେ ସଙ୍ଗେ ଆସି ତାଙ୍କ ପାଖରେ ପହଞ୍ଚି ଗଲେ । ସେ ଚାରିଜଣ ରାଜକୁମାରଙ୍କୁ କପଟ ବନ୍ଧ କରି ରଖିଥିଲେ ଓ ସାନ ରାଜକୁମାରଙ୍କୁ ବିବାହ କରି କପଟ ଚନ୍ଦ୍ରାବତୀଙ୍କ ପୁଷ୍ପବାଟିକାକୁ ବାଟ ବତାଇ ଦେଇଥିଲେ ଏ ସମସ୍ତ କଥା ରାଜାଙ୍କୁ କହିଲେ ।

ଏବେ ସାନ ରାଜକୁମାର ଚନ୍ଦ୍ରାବତୀ ଦେଇଥିବା ହାରଟିକୁ ନିଜ ଆଖି ପାଖରେ ଛୁଆଁଇ ଦେଇ ତାଙ୍କୁ ମନେ ପକାଇଲେ । ସଙ୍ଗେ ସଙ୍ଗେ ଚନ୍ଦ୍ରାବତୀ ଆସି ସାନ ରାଜକୁମାରଙ୍କ ପାଖରେ ପହଞ୍ଚିଗଲେ । ସେ ରାଜାଙ୍କ ଆଗରେ ସାକ୍ଷ ଦେଇ କହିଲେ—"ମହାରାଜ ମୋ ପୁଷ୍ପବାଟିକାରୁ ସାନ ରାଜକୁମାର ନିଜେ ଯାଇ ଗୁଲବକବଲୀ ଫୁଲ ନେଇ ଆସିଥିଲେ ।

ଏହା ପରେ ଗୁଲବକବଲୀ ଫୁଲଗୁଡ଼ିକ ନିଜ ହାତରେ ଧରି ସାନ ରାଜ-କୁମାର ରାଜାଙ୍କ ଆଖି ପାଖରେ ଯେମିତି ଛୁଆଁଇ ଦେଇଛନ୍ତି, ରାଜାଙ୍କ ଆଖିକୁ ନୁଳୁ କୁଳୁ ସବୁ ଦେଖାଗଲା । ସେ ସାନ ରାଜକୁମାରଙ୍କ ଉପରେ ବହୁତ ଖୁସି ହୋଇ କେବଳ ଅଧା ରାଜ୍ୟ କାହିଁକି ସାରା ରାଜ୍ୟଟା ତାଙ୍କ ହାତରେ ଦେଇ ଦେଲେ ଓ ଅନ୍ୟ ଚାରି ଜଣ ରାଜକୁମାରଙ୍କୁ ବନ୍ଦୀ କରି ଜେଲକୁ ପଠାଇ ଦେଲେ ।

ଏଣିକି ସାନ ରାଜକୁମାର ତାଙ୍କର ଦୁଇ ରାଣୀଙ୍କ ସହିତ ରହି ସୁଖରେ ରାଜ୍ୟ ଚଳାଇଲେ ।

—*—

Digitized by srujanika@gmail.com

ପକ୍ଷୀରାଜ ଘୋଡାରେ ଚଢି

ସେ ଅନେକ ବର୍ଷ ତଳର କଥା । ମରଣସ ଦ୍ୱୀପରେ ଜଣେ ରାଜା ରାଜତ୍ୱ କରୁଥିଲେ । ରାଜାଙ୍କର ଚାରି ପୁଅ । ସବା ସାନ ପୁଅକୁ ଛାଡ଼ି ବଡ଼ ତିନି ପୁଅ ଥିଲେ ତୋଷାମଦିଆ । ସେମାନେ ରାଜାଙ୍କ କୌଣସି କଥାକୁ ବିଚାର ନ କରି ହଁ ଭରୁଥିଲେ । କିନ୍ତୁ ସବା ସାନ ପୁଅ ରାଜାଙ୍କ ସବୁକଥାରେ ତ୍ରୁଟିବିଚାରି ହଁ କିମ୍ବା ନାହିଁ ବୋଲି କହୁଥିଲେ । ତେଣୁ ରାଜା ସାନ ପୁଅକୁ ଭଲ ପାଉ ନ ଥିଲେ । ତାଙ୍କର ସବୁ କଥାରେ ହଁ ଭରୁଥିବା ତିନି ପୁଅଙ୍କୁ ସେ ଅଢ ଭଲ ପାଉଥିଲେ ।

ଦିନକର ରାଜା ତାଙ୍କର ଚାରିପୁଅଙ୍କୁ ଡାକି ଜଣ ଜଣ କରି ପଚାରିଲେ— "କହିଲ କୁମାର ତୁମକୁ କାହା ଭାଗ୍ୟ ବଳରେ ଖାଇବା, ପିଇବା ଓ ପିନ୍ଧିବାକୁ ମିଳୁଛି ?"

ରାଜାଙ୍କ କଥା ଶୁଣି ସମସ୍ତଙ୍କଠୁଁ ବଡ଼ ତିନି ରାଜକୁମାର କହିଲେ— "ମହାରାଜ ଆପଣଙ୍କ ଭାଗ୍ୟରୁ ଆମର କୌଣସି ଅଭାବ ହେଉନାହିଁ । ଆମେ ଖାଉଛୁଁ, ପିଉଛୁଁ, ପିନ୍ଧୁଛୁଁ ଓ ସୁଖରେ ରହୁଛୁଁ ।"

ରାଜକୁମାରମାନଙ୍କ କଥା ଶୁଣି ରାଜା ଖୁସି ହୋଇଗଲେ । ସବା ସାନ ରାଜକୁମାରଙ୍କୁ ପଚାରିବାରୁ ରାଜକୁମାର କହିଲେ— "ମହାରାଜ, ନିଜ ଭାଗ୍ୟବଳରୁ ମୁଁ ଖାଇବାକୁ, ପିଇବାକୁ ଓ ପିନ୍ଧିବାକୁ ପାଉଛି ।

ଏ ଭଳି ଉତ୍ତର ରାଜାଙ୍କୁ ଭଲ ଲାଗିଲା ନାହିଁ । ସେ ସଙ୍ଗେ ସଙ୍ଗେ ଲୁହାର ପିଞ୍ଜରାଟିଏ ଅଣାଇ ତହିଁରେ ସବା ସାନ ରାଜକୁମାରଙ୍କୁ ପୂରାଇ ତାଲା ବନ୍ଦ କରିଦେଲେ ଓ ପିଞ୍ଜରା ସହିତ ରାଜକୁମାରଙ୍କୁ ବଣରେ ଛାଡ଼ି ଆସିବା ପାଇଁ ରାଜକର୍ମଚାରୀମାନଙ୍କୁ ଆଦେଶ ଦେଲେ ।

ରାଜକର୍ମଚାରୀମାନେ ପିଞ୍ଜରା ସହିତ ସାନ ରାଜକୁମାରଙ୍କୁ ନେଇ ବଣରେ ଛାଡ଼ି ଆସିଲେ । ରାଜା ମନେ ମନେ ଭାବୁଥାନ୍ତି ଯେ, ରାଜକୁମାର ବଣରେ ଯେତେବେଳେ

Digitized by srujanika@gmail.com

କଷ୍ଟ ପାଇବ, ସେତେବେଳେ ଜାଣିବ ଯେ ବାସ୍ତବରେ ସେ କାହା ଭାଗ୍ୟରୁ ସୁଖରେ ଥିଲା ।

ଏଣେ କ'ଣ ହୋଇଥିଲା ଯେଉଁଦିନ ରାଜକର୍ମଚାରୀମାନେ ସାନ ରାଜକୁମାରଙ୍କୁ ବଣରେ ଛାଡ଼ି ଆସିଲେ ସେ ଦିନ ଆଉ ଜଣେ ରାଜା ପାରିଧି କରିବା ପାଇଁ ବଣକୁ ଆସିଥିଲେ । ପିଞ୍ଜରା ଭିତରେ ଅତି ସୁନ୍ଦର ପିଲାଟିଏ ଦେଖି ତାଙ୍କର ଦୟା ହେଲା । ସେ ପିଲାଟିକୁ ନିଜ ରାଜଉଆସକୁ ନେଇଗଲେ । ଝିଅଟିଏ ଛଡ଼ା ତାଙ୍କର ଆଉ ପୁଅ ନ ଥିଲେ । ତେଣୁ ସେ ପିଲାଟିକୁ ପୁଅ ଭଳି ପାଳିଲେ ।

ରାଜକୁମାର ରାଜଉଆସରେ ସୁଖରେ ରହିଲେ । ବଡ଼ ଆନନ୍ଦରେ ସେମାନଙ୍କ ଦିନ ଗୁଡ଼ିକ ବିତିଲା ।

ଥରକର ସେହି ରଜାଙ୍କ ରାଜଉଆସକୁ ଜଣେ ସାଧୁ ଆସି ପହଞ୍ଚିଲେ । ସାଧୁ ଯେତେଦିନ ପର୍ଯ୍ୟନ୍ତ ଉଆସରେ ରହିଲେ ରାଜକୁମାର ତାଙ୍କର ବହୁତ ସେବା କଲେ । ସାଧୁ ଉଆସରୁ ବିଦାୟ ନେବା ପୂର୍ବରୁ ରାଜକୁମାରଙ୍କୁ କିଛି ଗୋଟିଏ ବର ମାଗି-ବାକୁ କହିଲେ । କି ବର ମାଗିବେ ରାଜକୁମାର ମନେ ମନେ ଚିନ୍ତାକଲେ । ଶେଷରେ ସେ କହିଲେ—"ସାଧୁ ବାବା ଆପଣ ଯଦି ମୋ ଉପରେ ସନ୍ତୁଷ୍ଟ ତେବେ ଜୀବଜନ୍ତୁଙ୍କ କଥା ଯେପରି ମୁଁ ବୁଝିପାରିବି ସେଭଳି ଗୋଟିଏ ବର ଦିଅନ୍ତୁ ।"

ସାଧୁ କହିଲେ—"ରାଜକୁମାର ଆଜିଠାରୁ ମୁଁ ତୁମକୁ ଜୀବଜନ୍ତୁଙ୍କ କଥା ଯେପରି ବୁଝିପାରିବ ସେହି ବର ଦେଉଛି । କିନ୍ତୁ ସାବଧାନ କରି ଦେଉଛି କି ଯେଉଁ-ଦିନ ତୁମେ ଜୀବଜନ୍ତୁଙ୍କ ଭାଷା ବୁଝିପାରିବା କଥା କାହାକୁ ଜଣାଇ ଦେବ, ସେଦିନ ତୁମର ମୃତ୍ୟୁ ହେବ । ଆକାଶରୁ ଗୋଟିଏ ନାଲିରଙ୍ଗର ସାପ ଆସି ତୁମକୁ ଦଂଶନ କରିବ । "

ରାଜକୁମାରଙ୍କୁ ଆଶୀର୍ବାଦ କରି ସାଧୁ ଚାଲିଗଲେ ।

ଧୀରେ ଧୀରେ ସମୟ ଗଡ଼ିଲା । ରାଜକୁମାର ଓ ରାଜକୁମାରୀଙ୍କ ବିବାହ ବୟସ ହେଲା । ରାଜା ମନେ ମନେ ନିଷ୍ପତ୍ତି କଲେ ଯେ ସେ ଆଉ କେତେକାଳ ବଞ୍ଚିବେ । ତେଣୁ ରାଜକୁମାରଙ୍କ ସହିତ ରାଜକୁମାରୀଙ୍କୁ ବିବାହ ଦେଇ ସେମାନଙ୍କ ହାତରେ ରାଜ୍ୟଭାର ଦେଇଦେବେ ।

ଏହାପରେ ବିବାହର ଆୟୋଜନ ହେଲା । ବାହାଘର ବଡ଼ ଧୂମ୍‌ଧାମରେ କରାଗଲା । ଏହି ଅବସରରେ ରାଜା ଗୋଟିଏ ଭୋଜିର ଆୟୋଜନ କଲେ । ଭୋଜିରେ

Digitized by srujanika@gmail.com

ସମ୍ବନ୍ଧୀୟ ସବୁଲୋକଙ୍କ ଭେଳରେ ରାଜକୁମାର ମଧ ଖାଇବାକୁ ବସିଲେ । ଖାଇଲା-ବେଳେ ରାଜକୁମାରଙ୍କ ଆଖି ପଡ଼ିଗଲା ଥାଳ ତଳେ ବୁଲୁଥିବା ଗୋଟିଏ ପିମ୍ପୁଡ଼ି ଉପରକୁ । ପିମ୍ପୁଡ଼ିଟିର ଗୋଡ଼ଟିଏ ଭାଙ୍ଗି ଯାଇଥିଲା । ସେ ଖୋଟେଇ ଖୋଟେଇ ବୁଲୁଥିଲା । ମୁହଁରେ ତାର ଖାଇବା ଦରବ ଥିଲା । ଠିକ୍ ଏତିକବେଳେ ଆଉ ଗୋଟିଏ ପିମ୍ପୁଡ଼ି ଆସି ତା ମୁହଁରୁ ଖାଇବା ଦରବ ଛଡ଼ାଇ ନେବାକୁ ବସିଲା । ଖୋଟା ପିମ୍ପୁଡ଼ିଟି ତାକୁ କହିଲା—"ଆରେ ମୋତେ ଖୋଟା ଦେଖି ମୋ ପାଖରୁ ଖାଇବା ଦରବ ଛଡାଇ ନେଉଛୁ କାହିଁକି ? ଯାଉନୁ ରାଜାଙ୍କର ରୋଷାଇ ଘରକୁ । ସେଠିତ ପାହାଡ଼ ଭଳି ଉଚ୍ଚରେ କେତେ ପ୍ରକାରର ଖାଇବା ଦରବ ଥୁଆ ହୋଇଛି, ସେଇଠୁ ଗୋଟାଇ ଆଣିବୁ ।

ଖୋଟା ପିମ୍ପୁଡ଼ିର କଥା ଶୁଣି ଆର ପିମ୍ପୁଡ଼ିଟା ରୋଷାଇଘର ଆଡ଼କୁ ଦଉଡ଼ିଲା । ଏ ଘଟଣାଟି ଦେଖି ରାଜକୁମାର ହସିଦେଲେ । ରାଜକୁମାରଙ୍କ ହସିବା ଦେଖି ରାଜା ଆଶ୍ଚର୍ଯ୍ୟ ହେଲେ । କାରଣ ନ ଥାଇ ରାଜକୁମାର ହସିଲେ କାହିଁକି ? ତାଙ୍କୁ ଏ ସବୁ ଭଲ ଲାଗିଲା ନାହିଁ । ସେ ରାଜକୁମାରଙ୍କୁ ପଚାରିଲେ—"ରାଜ-କୁମାର, କେଉଁଥିପାଇଁ ହସିଲ ?"

ରାଜାଙ୍କ କଥା ଶୁଣି ରାଜକୁମାର ଅଡୁଆରେ ପଡ଼ିଗଲେ । ଯଦି ସେ କାରଣ କହିଦେବେ ତେବେ ଆକାଶରୁ ଗୋଟିଏ ନାଲି ରଙ୍ଗର ସାପ ଆସି ତାଙ୍କୁ ଦଂଶନ କରିଦେବ । ରାଜକୁମାର କାରଣ କହିଲେ ନାହିଁ ରାଜା ଓ ରାଜକୁମାରଙ୍କ ସନ୍ଦେହ ବଢିଲା । ସେମାନେ କାରଣ ଜଣାଇବା ପାଇଁ ରାଜକୁମାରଙ୍କୁ ବାଧ କଲେ ।ରାଜକୁମାର ଦଶ ଦିନ ସମୟ ମାଗିଲେ । ଦଶ ଦିନ ଭିତରେ ହସିବାର କାରଣ ସେ କହିବେ ବୋଲି କଥା ଦେଲେ ।

ଏ ଭିତରେ ରାଜକୁମାର ଏଣେତେଣେ ପାଗଳଙ୍କ ଭଳି ବୁଲିବାକୁ ଲାଗିଲେ । ଦିନକର ସେ ଗୋଟିଏ ମେଳାରେ ଯାଇ ପହଞ୍ଚିଲେ । ମେଳାରେ ବିଭିନ୍ନ ପ୍ରକାରର ପଶୁପକ୍ଷୀଙ୍କୁ ବିକିବା ପାଇଁ ଲୋକେ ଆଣିଥାନ୍ତି । ସେହି ପଶୁପକ୍ଷୀଙ୍କ ଭିତରେ ଅତି ଦୁବ୍ଲାପତଳା ଘୋଡ଼ାଟିଏ ବି ଥାଏ । କିନ୍ତୁ ତାକୁ କେହି କିଣୁ ନ ଥାନ୍ତି । ରାଜକୁମାର ଘୋଡ଼ା ପାଖକୁ ଯାଇ ଦେଖିଲେ ଯେ ତାହା ସାମାନ୍ୟ ଘୋଡ଼ା ନୁହେଁ । ତା ଭିତରେ ପକ୍ଷୀରାଜ ଘୋଡ଼ାର ସମସ୍ତ ଲକ୍ଷଣ ରହିଛି । ତେଣୁ ସେ ଘୋଡ଼ାଟିକୁ କିଣି ରାଜଉଆସକୁ ନେଇ ଆସିଲେ । ଘୋଡ଼ାଟି ରାଜକୁମାରଙ୍କୁ କହିଲା—"ରାଜକୁମାର ତୁମେ ମୋର ସେବାକର । ମୁଁ ତୁମକୁ ସବୁ ବିପଦରୁ ରକ୍ଷା କରିବ ।"

Digitized by srujanika@gmail.com

ରାଜକୁମାର ଘୋଡ଼ାଟିର ସେବାରେ ଅବହେଳା କଲେନାହିଁ । ଦଶ ଦିନ ଭିତରେ ଘୋଡ଼ାଟି ଖାଇପିଇ ହୃଷ୍ଟପୁଷ୍ଟ ହୋଇଗଲା । ନିର୍ଦ୍ଦିଷ୍ଟ ଦିନରେ ରାଜକୁମାର ଗୋଟିଏ ଲମ୍ବା ଖଣ୍ଡା ଧରି ଘୋଡ଼ା ଉପରେ ବସି ରାଜାଙ୍କ ପାଖରେ ପହଞ୍ଚିଲେ । ସେ ରାଜାଙ୍କୁ କହିଲେ—"ମହାରାଜ, ସେ ଦିନ ମୁଁ ଖାଇ ବସିଲା ବେଳେ ଦୁଇଟି ପିମ୍ପୁଡ଼ି ନିଜ ନିଜ ଭିତରେ କଥା ହେଉଥିବା ଶୁଣି ମୋତେ ହସ ମାଡିଲା । ପଶୁପକ୍ଷୀଙ୍କ ଭାଷା ବୁଝିବା ବିଦ୍ୟା ରାଜଉଆସକୁ ଆସୁଥିବା ସାଧୁ ବାବା ମୋତେ ଶିଖାଇ ଦେଇଥିଲେ ।"

ରାଜକୁମାରଙ୍କ କଥା ସରିବା ସଙ୍ଗେ ସଙ୍ଗେ ଆକାଶଟା ନାଲି ହୋଇଗଲା । ଘଡ଼ଘଡ଼ି ଶବ୍ଦ ହେଲା । ବିଜୁଳି ମାରିଲା ଏବଂ ମସ୍ତବଡ଼ ନାଲି ରଙ୍ଗର ସାପଟିଏ ଆସି ରାଜକୁମାରଙ୍କୁ ଦଂଶନ କରିବାକୁ ବସିଲା । ଏଠିକବେଳେ ରାଜକୁମାର ଘୋଡ଼ା ପିଠିରେ ଆକାଶମାର୍ଗରେ ଉଡ଼ି ସାପ ସହିତ ଯୁଦ୍ଧ କଲେ । ବହୁ ସମୟ ଯୁଦ୍ଧ କଲା ପରେ ରାଜକୁମାର ଖଣ୍ଡା ଚୋଟରେ ସାପକୁ ଦିଗଡ଼ କରି ହାଣିଦେଲେ । ସାପର କଟା ଦେହ ଓ ତା ଦେହର ରକ୍ତସବୁ ବିନ୍ଦୁ ବିନ୍ଦୁ ହୋଇ ପୃଥିବୀରେ ପଡ଼ିଲା । ଏହାପରେ ପକ୍ଷୀରାଜ ଘୋଡ଼ାଟି ଖୁବ୍‌ ଜୋରରେ ଉଡ଼ି ସମୁଦ୍ର ପାର ହୋଇଗଲା । ସେତେବେଳେ ସେ ବହୁତ ଥକି ଯାଇଥାଏ । ନିକଟରେ ଗୋଟିଏ ପୁଷ୍କରଣୀ ଦେଖି ସେ ତା କୂଳରେ ଓହ୍ଲାଇ ପଡ଼ିଲା ଏବଂ ରାଜକୁମାରଙ୍କୁ କହିଲା—"କୁମାର, ମୁଁ ବହୁତ ଥକି ଯାଇଛି । ଏବେ ମୁଁ ମାସଟିଏ ଏଠି ବିଶ୍ରାମ ନେବି । ଯଦି ତୁମ ଉପରେ କୌଣସି ବିପଦ ପଡ଼େ ତେବେ ପୁଷ୍କରଣୀ କୂଳରେ ଚରୁଥିବା ମୋ ସାନ ଭଉଣୀ କାମଧେନୁ ତୁମକୁ ରକ୍ଷା କରିବ ।

ଏହାପରେ ପକ୍ଷୀରାଜ ଘୋଡ଼ାର ଚେତା ବୁଡ଼ିଗଲା । ରାଜକୁମାର ଦେଖିଲେ ସତକୁ ସତ କାମଧେନୁ ଗାଈ ପୁଷ୍କରଣୀ କୂଳରେ ଚରୁଛି ।

ପୁଷ୍କରଣୀ କୂଳରେ ରାଜକୁମାରଙ୍କ କିଛି ଦିନ କଟିଗଲା । ଦିନକର ସେ ଦେଖିଲେ ଅତି ସୁନ୍ଦରୀ ପରୀମାନେ ସେମାନଙ୍କ ଲୁଗାପଟା ପୁଷ୍କରଣୀର ତୁଠରେ ରଖି ଗାଧୋଉଛନ୍ତି । ରାଜକୁମାର ପାଣି ପିଇବା ପାଇଁ ସେତେବେଳେ ପୁଷ୍କରଣୀ ଭିତରକୁ ଯାଉଥିଲେ । ପଛରେ କାମଧେନୁ ଗାଈଟି ତାଙ୍କୁ ଡାକ ପକାଇ କହିଲା—"ରାଜକୁମାର, ପୁଷ୍କରଣୀ ଭିତରକୁ ଯାଅ ନାହିଁ ।"

Digitized by srujanika@gmail.com

ରାଜକୁମାର କିନ୍ତୁ ତା କଥାରେ କାନ ଦେଲେ ନାହିଁ ।" ସେ ପରୀମାନଙ୍କୁ ହଇରାଣ କରିବା ପାଇଁ କୂଳରେ ଥୁଆହୋଇଥିବା ସେମାନଙ୍କ ଲୁଗାପଟା ନେଇ ପଳାଇଲେ ।

ପରୀମାନଙ୍କ ରାଣୀ ପାଟି କରି ଉଠିଲା—"ରାଜକୁମାର, ଆମର ଲୁଗାପଟା ଛାଡ଼ିଦିଅ ଯେ । ଏଇଆଡ଼େ ଦେଖ କେତେ ସୁନ୍ଦର ଲୁଗାଗୁଡ଼ିକ ପଡ଼ି ରହିଛି । ସେ ସବୁକୁ ନେଇ ଯାଅ ।"

ପରୀରାଣୀର କଥାଶୁଣି ରାଜକୁମାର ପଛକୁ ମୁହଁ କରି ଯେମିତି ଦେଖି ଦେଇଛନ୍ତି ସଙ୍ଗେ ସଙ୍ଗେ ସେ ଜଳି ପୋଡ଼ି ପାଉଁଶ ହୋଇ ଗଲେ । ତାଙ୍କ ଆତ୍ମା ଆକାଶ ଉପରକୁ ଉଡ଼ି ଯିବାକୁ ବସୁଥିଲା ଠିକ୍ ଏତିକି ବେଳେ କାମଧେନୁ ତା ମୁହଁରେ ରାଜକୁମାରଙ୍କ ଆତ୍ମାକୁ ଧରି ପକାଇ ତାଙ୍କୁ ଜୀବନ୍ୟାସ ଦେଇଦେଲା । ରାଜକୁମାର ପୁଣି ବଞ୍ଚିଗଲେ । ତାଙ୍କୁ କାମଧେନୁ ଗାଈ କହିଲା— "ଦେଖ ରାଜକୁମାର, ପରୀମାନେ ପଛରୁ ଡାକିଲେ କେବେବି ମୁହଁ ପଛକୁ ବୁଲାଇ ଦେଖିବ ନାହିଁ ।"

ରାଜକୁମାର କାମଧେନୁ ଗାଈଠାରୁ ଅସଲ ଭେଦକଥା ଜାଣି ପାରିଲେ ଏବଂ ପୁଣିଥରେ ପରୀମାନେ ଗାଧୋଉଥିଲା ବେଳେ ସେ ତାଙ୍କ ଲୁଗାପଟା ନେଇ ପଳାଇ ଗଲେ । ପଛରୁ ପରୀ ମାନେ ଯେତେ ଡାକିଲେବି ସେ ମୋଟେ ଶୁଣିଲେ ନାହିଁ ।

ପରୀମାନେ ଗୋଟିଏ ସୁନାର ମହଲ ନେଇ ରାଜକୁମାରଙ୍କ ପଛେ ପଛେ ଧାଇଁଲେ । ରାଜକୁମାର କିନ୍ତୁ ସୁନାର ମହଲ ଭିତରକୁ ଆସି ଚୁପ୍ ଚାପରେ ଲୁଚି ଗଲେ । ତାଙ୍କୁ ପରୀମାନେ ନ ପାଇ ବିକଳ ହୋଇ କାନ୍ଦିଲେ ଓ କହିଲେ "ରାଜ-କୁମାର, ଆମେ ତୁମକୁ କ୍ଷମା କରି ଦେଉଛୁ । ଆମେ ତୁମର କୌଣସି ଅନିଷ୍ଟ କରିବୁ ନାହିଁ । ହେଲେ ତୁମେ କେଉଁଠି ଅଛ ଦେଖାଦେଇ ଆମର ଲୁଗାପଟା ଫେରାଇ ଦିଅ ।"

ପରୀମାନଙ୍କ ବିକଳ ରାଜକୁମାର ସହି ପାରିଲେ ନାହିଁ । ସେ ମହଲ ଭିତରୁ ବାହାରି ପରୀମାନଙ୍କୁ ସେମାନଙ୍କ ଲୁଗାପଟା ଫେରାଇ ଦେଲେ । ପରୀମାନଙ୍କ ରାଣୀ ଖୁସିରେ ରାଜକୁମାରଙ୍କୁ କହିଲେ—"ରାଜକୁମାର, ତୁମ ଉପରେ ଯଦି କୌଣସି ବିପଦ ପଡ଼େ ତେବେ ଆମକୁ ସ୍ମରଣ କରିବ । ଆମେ ତୁମକୁ ସାହାଯ୍ୟ କରିବା ପାଇଁ ପହଞ୍ଚିଯିବୁ ।"

Digitized by srujanika@gmail.com

ଏହାପରେ ପକ୍ଷୀମାନେ ଗୋଟି ଗୋଟି ହୋଇ ଉଡ଼ିଗଲେ । ରାଜକୁମାର ପୁଷ୍କରଣୀ ପାଖରେ ପହଞ୍ଚି ଦେଖିଲେ ଘୋଡ଼ାଟି ତାଙ୍କର ଅଚେତ ହୋଇ ପଡ଼ିଛି । ସେ ସଙ୍ଗେ ସଙ୍ଗେ ପକ୍ଷୀରାଣୀକୁ ଧ୍ୟାନ କଲେ । ପକ୍ଷୀରାଣୀ ଆସି ରାଜକୁମାରଙ୍କ ପାଖରେ ପହଞ୍ଚିଗଲା । ରାଜକୁମାର ପକ୍ଷୀରାଣୀକୁ କହିଲେ—"ଆପଣ ମୋ ଘୋଡ଼ାକୁ ଭଲ କରିଦିଅନ୍ତୁ । କାହିଁକନା ମୁଁ ବହୁତ ଦିନ ହେଲା ଘର ଛାଡ଼ି ଆସିଛି । ଘରକୁ ପୁଣି ଫେରିଯିବି ।"

ରାଜକୁମାରଙ୍କ କଥା ଶୁଣି ପକ୍ଷୀରାଣୀ ପୁଷ୍କରଣୀରୁ କିଛି ପାଣି ଆଣି ଘୋଡ଼ା ଦେହରେ ଛିଞ୍ଚି ଦେଲା । ଘୋଡ଼ାଟି ଉଠି ପଡ଼ିଲା । ତା ଦେହରେ ବଳ ଭରିଗଲା । ରାଜକୁମାର ପକ୍ଷୀରାଜ ଘୋଡ଼ାରେ ବସି ନିଜ ରାଜ୍ୟକୁ ମୁହାଁଇଲେ । ସେତେବେଳେ କିନ୍ତୁ ରାଜଉଆସରେ ରାଜା, ରାଜକୁମାରୀ ଓ ରାଜ ପରିବାରର ଅନ୍ୟମାନେ କାନ୍ଦୁଥାନ୍ତି । ରାଜକୁମାର ଯେ ଆଉ ଫେରି ଆସିବେ ଏ ବିଶ୍ୱାସ ସେମାନଙ୍କର ନ ଥାଏ । ଠିକ୍ ଏତିକିବେଳେ ରାଜକୁମାର ଉଆସରେ ପହଞ୍ଚିଗଲେ । ରାଜକୁମାରଙ୍କୁ ଦେଖି ରାଜା ଓ ରାଜକୁମାରୀ ଖୁସି ହୋଇଗଲେ ରାଜ୍ୟରେ ଆନନ୍ଦ ଉତ୍ସବ ପାଳନ କରାଗଲା ।

ରାଜା ସେତେବେଳେ ନିହାତି ବୁଢ଼ା ହୋଇ ଯାଇଥାନ୍ତି । ତେଣୁ ସେ ରାଜକୁମାରଙ୍କ ହାତରେ ରାଜ୍ୟ ଭାର ଦେଇ ବଣକୁ ସନ୍ୟାସୀ ହୋଇ ଚାଲିଗଲେ ।

ରାଜକୁମାର ରାଜ୍ୟ ଚଳାଇଲେ । ପ୍ରଜାମାନଙ୍କୁ ସେ ସୁଖରେ ପାଳିଲେ । କିଛି ବର୍ଷ ରାଜ୍ୟ ଶାସନ କଲା ପରେ ଦିନେକର ତାଙ୍କର ବାପା ଓ ତିନି ଭାଇଙ୍କ କଥା ମନେ ପଡ଼ିଗଲା । ସେମାନଙ୍କୁ ଦେଖିବା ପାଇଁ ତାଙ୍କ ମନ ବ୍ୟାକୁଳ ହୋଇ ଉଠିଲା । ଦିନେକର ରାଜଠାଟ ସହିତ ସେ ତାଙ୍କ ବାପା ଓ ଭାଇମାନଙ୍କ ରାଜ୍ୟରେ ପହଞ୍ଚିଲେ । ସେତେବେଳେ କିନ୍ତୁ ତାଙ୍କ ବାପା ଓ ତିନି ଭାଇ ରାଜଗାଦି ଛାଡ଼ି ଦାଣ୍ଡରେ ଭିକାରି ସାଜି ଭିକ ମାଗୁଥାନ୍ତି । ସେମାନଙ୍କ ଅବସ୍ଥା ଦେଖି ରାଜକୁମାରଙ୍କ ମନ ଦୁଃଖରେ ପୂରିଗଲା । ରାଜା ଓ ତାଙ୍କର ତିନି ପୁଅ ରାଜକୁମାରଙ୍କୁ କ୍ଷମା ମାଗି କହିଲେ—"ବାସ୍ତବରେ କେହି କାହା ଭାଗ୍ୟରୁ ବଞ୍ଚେନାହିଁ । ନିଜ ଭାଗ୍ୟ ନିଜକୁ ହିଁ ଭୋଗ କରିବାକୁ ପଡ଼େ ।"

ଏହାପରେ ରାଜକୁମାର ପକ୍ଷୀରାଣୀଙ୍କୁ ସ୍ମରଣ କଲେ । ପକ୍ଷୀ ରାଣୀ ସଙ୍ଗେ ସଙ୍ଗେ ଆସି ରାଜକୁମାରଙ୍କ ପାଖରେ ପହଞ୍ଚିଗଲା । ରାଜକୁମାର ପକ୍ଷୀରାଣୀକୁ

Digitized by srujanika@gmail.com

କହିଲେ—"ମୋ ବାପା ଓ ଛଅ ଭାଇ ରାଜ୍ୟ ହରାଇଛନ୍ତି । ସେମାନଙ୍କ ରାଜ୍ୟ ସେମାନେ ପୁଣି ଫେରି ପାଆନ୍ତୁ, ସୁଖରେ ରହନ୍ତୁ ।"

ପଦ୍ମ ରାଣୀ ସଙ୍ଗେ ସଙ୍ଗେ "ତଥାସ୍ତୁ" କହି ଉଭେଇ ଗଲା । ରାଜା ଓ ଛଅ ଭାଇ ସେମାନଙ୍କ ରାଜ୍ୟ ଫେରି ପାଇଲେ; ଆନନ୍ଦରେ ଦିନ କଟାଇଲେ । ବାପା ଓ ଭାଇମାନଙ୍କ ପାଖରେ କିଛି ଦିନ କଟାଇ ରାଜକୁମାର ନିଜ ରାଜ୍ୟକୁ ଫେରି ଆସିଲେ । ପୁଣି ରାଜ୍ୟ ଶାସନ କରି ସେମାନେ ସୁଖରେ ଦିନ କଟାଇଲେ ।

—*—

Digitized by srujanika@gmail.com